## ଦ୍ୱିତୀୟ ଅଧ୍ୟାୟ

# ଦିଲ୍ଲୀରେ ସୁଲତାନୀ ଶାସନ

ଦିଲ୍ଲୀରେ ତୁର୍କ ସୁଲତାନମାନେ ୩୦୦ ବର୍ଷ ଶାସନ କରିଥିଲେ । ଏହି ସୁଲତାନମାନେ ଦିଲ୍ଲୀକୁ ସେମାନଙ୍କର ରାଜଧାନୀ କରି ତ୍ରୟୋଦଶ ଶତାବ୍ଦୀ ଆରମ୍ଭରେ ଭାରତ ଉପମହାଦେଶରେ ଅନେକ ଗୁଡ଼ିଏ ଅଂଚଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ସମୁଦାୟ ୫ଟି ରାଜବଂଶ ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦିଲ୍ଲୀରେ ସୁଲତାନୀ ଶାସନ ଚଳାଇଥିଲେ । ଏହି ସମୟ ଭାରତ ଇତିହାସ ଓ ସଂସ୍କୃତି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ।

**ତୁମେ ଜାଣିଛ କି?**

ଯେତେବେଳେ ଗୋଟିଏ ପରିବାରର ଜଣଙ୍କ ପରେ ଜଣେ ଦେଶ ଶାସନ କରନ୍ତି ସେହି ପରିବାରକୁ ରାଜବଂଶ କୁହାଯାଏ ।

### ଦିଲ୍ଲୀରେ ସୁଲତାନୀ ଶାସନ

**ଟେବୁଲ – ୧**

**ତୁର୍କୀ ଶାସନ (୧୨୦୬–୧୨୯୦)**

କୁତ୍‌ବୁଦ୍ଦିନ୍ ଆଇବାକ୍ : ୧୨୦୬–୧୨୧୦

ସାମସୁଦ୍ଦିନ୍ ଇଲତୁତ୍‌ମିସ୍: ୧୨୧୦–୧୨୩୬

ରେଜିୟା ସୁଲତାନ : ୧୨୩୬–୧୨୪୦

ଗିୟାସୁଦ୍ଦିନ୍ ବଲବନ୍: ୧୨୬୬–୧୨୮୭



ଇଲ୍‌ତୁତ୍‌ମିସ୍‌ଙ୍କ କବର



ଆଲାଇ ଦରୱାଜା

**ଖିଲ୍‌ଜି ବଂଶ: ୧୨୯୦–୧୩୨୦**

ଜଲ୍ଲାଉଦ୍ଦିନ୍ ଖିଲ୍‌ଜୀ : ୧୨୯୦–୧୨୯୬

ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ : ୧୨୯୬–୧୩୧୬

**ତୁଗ୍‌ଲକ୍ ବଂଶ: ୧୩୨୦–୧୪୧୪**

ଗିୟାସୁଦ୍ଦିନ୍ ତୁଗ୍‌ଲକ୍ : ୧୩୨୦–୧୩୨୪

ମହମ୍ମଦ ବିନ୍ ତୁଗ୍‌ଲକ୍ : ୧୩୨୪–୧୩୫୧

ଫିରୋଜଶାହ ତୁଗ୍‌ଲକ୍ : ୧୩୫୧–୧୩୮୮

**ସୟଦ ବଂଶ ୧୪୧୪–୧୪୫୧**


ଖିଜିର୍ ଖାନ: ୧୪୧୪–୧୪୨୧

**ଲୋଦୀ ବଂଶ : ୧୪୫୧–୧୫୨୬**

ବାହାଲୁଲ୍ ଲୋଦୀ: ୧୪୫୧–୧୪୮୯

ସିକନ୍ଦର ଲୋଦୀ : ୧୪୮୯ – ୧୫୧୨

ଇବ୍ରାହିମ୍ ଲୋଦୀ : ୧୫୧୨ – ୧୫୨୬



ଫିରୋଜଶାହା ତୁଘଲକ୍‌ଙ୍କ କବର

ଟେବୁଲ-୧ ଦେଖି ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିବା ରାଜବଂଶ, ସମ୍ରାଟ ଓ ସେମାନଙ୍କର ଶାସନ ସମୟ ତାଲିକା କର ।

## ଭାରତରେ ତୁର୍କ ଶାସନ: (୧୨୦୬-୧୨୯୦)

ଦିଲ୍ଲୀରେ ସୁଲତାନୀ ଶାସନର ମୂଳଦୁଆ ଦାସବଂଶ ଦ୍ୱାରା ପଡ଼ିଥିଲା । ଏହି ବଂଶର ସୁଲତାନମାନଙ୍କ ମଧ୍ୟରୁ କେତେକ ନିଜେ ଦାସ ବା ଦାସଙ୍କର ପୁତ୍ର ଥିଲେ । ଏମାନେ ଦାସ ବା କ୍ରୀତଦାସ ଥିବାରୁ ସେମାନେ ପ୍ରତିଷ୍ଠା କରିଥିବା ବଂଶକୁ ଦାସବଂଶ କହାଯାଏ । ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୨୮୭ ଖ୍ରୀଷ୍ଟାବ୍ଦ ମଧ୍ୟରେ କୁତ୍‌ବୁଦ୍ଦିନ୍ ଆଇବାକ୍, ଇଲତୁତ୍‌ମିସ୍, ରେଜିୟା ଓ ବଲବନ୍ ଦିଲ୍ଲୀ ସିଂହାସନରେ ବସି ଶାସନ କାର୍ଯ୍ୟ ଚଳାଇଥିଲେ ।

### ତୁମେ ଜାଣିଛ କି?

ଆରବ ଓ ତୁର୍କୀମାନେ ଉଚ୍ଚ ବୁଦ୍ଧି ସଂପନ୍ନ ଦାସମାନଙ୍କୁ କିରାଣୀ, ସୈନିକ, ପ୍ରଶାସକ ପଦରେ ନିଯୁକ୍ତି ଦେଉଥିଲେ। ଏହି ଦାସମାନେ ଭଲ କାମକରି ତାଙ୍କ ମାଲିକଙ୍କୁ ଖୁସି କଲେ ଦାସତ୍ୱ କବଳରୁ ମୁକ୍ତ ହେଉଥିଲେ ।

## କୁତବୁଦ୍ଦିନ୍ ଆଇବାକ୍: (୧୨୦୬-୧୨୧୦)

କୁତ୍‌ବୁଦ୍ଦିନ୍ ଆଇବାକ୍ ଦାସ ବଂଶର ପ୍ରଥମ ସମ୍ରାଟ ଥିଲେ । ତାଙ୍କ ଦ୍ୱାରା ଦାସ ବଂଶର ମୂଳଦୁଆ ପଡ଼ିଥିଲା । ସେ ସମ୍ରାଟ ହେବା ପୂର୍ବରୁ ମହମ୍ମଦ ଘୋରୀଙ୍କ ଜଣେ ଦାସ ଥିଲେ । ତାଙ୍କର ଅସାଧାରଣ ପ୍ରତିଭା ଥିଲା । ତେଣୁ ମହମ୍ମଦ ଘୋରୀ ତାଙ୍କୁ ସେନାଧ୍ୟକ୍ଷ କରି ଉତ୍ତର ଭାରତ ଜୟ କରିବା ଦାୟିତ୍ୱ ଦେଇଥିଲେ । କୁତ୍‌ବୁଦ୍ଦିନ୍ ଆଇବାକ୍ ସମ୍ରାଟ ହେବା ପୂର୍ବରୁ ଦିଲ୍ଲୀ, କୋଲି(ଆଲିଗଡ଼), କନୌଜ, ବିହାର ଇତ୍ୟାଦି ରାଜ୍ୟ ଜୟ କରିଥିଲେ । ମହମ୍ମଦ ଘୋରୀଙ୍କର ମୃତ୍ୟୁ ପରେ ତାଙ୍କର ପୁଅ ନଥିବାରୁ ୧୨୦୬ ଖ୍ରୀଷ୍ଟାବ୍ଦରେ କୁତ୍‌ବୁଦ୍ଦିନ୍ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ଅନେକ ଜ୍ଞାନୀ ଗୁଣୀ ଲୋକଙ୍କର ପୃଷ୍ଠପୋଷକତା କରିଥିଲେ । ସେମାନଙ୍କ ମଧ୍ୟରେ ହାସାନ ନିଜାମି ଅନ୍ୟତମ । ସେ ଦିଲ୍ଲୀ ଓ ଆଜମିରରେ ମସଜିଦ ନିର୍ମାଣ କରିଥିଲେ । ଦିଲ୍ଲୀରେ ଥିବା କୁତବ୍‌ମିନାର ନିର୍ମାଣ କାର୍ଯ୍ୟ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ପୋଲୋ ଖେଳୁଥିବା ସମୟରେ ଘୋଡାରୁ ପଡ଼ି ୧୨୧୦ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।


କୁତ୍‌ବୁଦ୍ଦିନ୍ ଆଇବାକ୍

### ତୁମେ ଜାଣିଛ କି?

କୁତ୍‌ବୁଦ୍ଦିନ୍ ଆଇବାକ୍ ମାତ୍ର ୪ବର୍ଷ ଶାସନ କରିଥିଲେ । ସେ ଦିଲ୍ଲୀଠାରେ କ୍ୱାତ୍ ଉଲ-ଇସଲାମ ଓ ଆଜମୀରଠାରେ 'ଢାଇ ଦିନ୍‌କା ଝୋଁପରା' ମସଜିଦ ନିର୍ମାଣ କରିଥିଲେ ।

କୁତବମିନାର ଦିଲ୍ଲୀର ମେହେରୋଲିଠାରେ ଅବସ୍ଥିତ ।

ବର୍ତ୍ତମାନ ଦିଲ୍ଲୀଠାରେ ସୁଲତାନମାନଙ୍କ ଦ୍ୱାରା ତିଆରି କେଉଁ କେଉଁ ମସଜିଦ୍ ଅଛି ଅନ୍ୟମାନଙ୍କୁ ପଚାରି ଲେଖ ।

## ଇଲ୍‌ତୁତ୍‌ମିସ୍: (୧୨୧୦-୧୨୩୬)

କୁତ୍‌ବୁଦ୍ଦିନ୍ ଆଇବାକଙ୍କ ପରେ ତାଙ୍କ ଜ୍ୱାଇଁ ଇଲ୍‌ତୁତ୍‌ମିସ୍ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ରାଜା ହେବା ପୂର୍ବରୁ ସେ ମଧ କ୍ରୀତଦାସ ଥିଲେ । ଇଲ୍‌ତୁତ୍‌ମିସ୍ ରାଜା ହେବା ସମୟରେ ଅନେକ ଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଏହି ସମସ୍ୟାଗୁଡ଼ିକ କୁତ୍‌ବୁଦ୍ଦିନ୍‌ଙ୍କ ପୁତ୍ର ଆରାମ ଶାହା, ମୁଲତାନ ଓ ବିହାରର ପ୍ରଶାସକ ଏବଂ ରାଜପୁତମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ଏହି ସମସ୍ୟା ଗୁଡ଼ିକ ସେ ଧୈର୍ଯ୍ୟ ସହ ସଫଳ ଭାବେ ମୁକାବିଲା କରିଥିଲେ । ଏମାନଙ୍କ ମଧ୍ୟରୁ କେତେକଙ୍କୁ ସେ ଯୁଦ୍ଧରେ ପରାସ୍ତ କରିଥିଲେ । ଆଉ କେତେକଙ୍କ ସହ ବନ୍ଧୁତା ସ୍ଥାପନ କରିଲେ । ଫଳରେ ତାଙ୍କ ସାମ୍ରାଜ୍ୟ ପୂର୍ବରେ ବଙ୍ଗଠାରୁ ପଶ୍ଚିମରେ ସିନ୍ଧୁପ୍ରଦେଶ ପର୍ଯ୍ୟନ୍ତ ବ୍ୟାପୀଥିଲା ।



ଇଲ୍‌ତୁତ୍‌ମିସ୍

ଏହା ବ୍ୟତୀତ ତାଙ୍କ ରାଜତ୍ୱ ସମୟରେ ମହାପରାକ୍ରମଶାଳୀ ମଧ୍ୟଏସିଆର ମଙ୍ଗୋଲ ଶାସକ ଚେଙ୍ଗିଜ୍ ଖାଁ ଭାରତ ଆକ୍ରମଣ କରିଥିଲେ । ସେ ସିନ୍ଧୁ ନଦୀ କୂଳରେ ଥିବା ଅନେକ ଅଂଚଳ ଦଖଲ କରିଥିଲେ । ମାତ୍ର ଇଲ୍‌ତୁତ୍‌ମିସଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁଁ ଚେଙ୍ଗିଜ୍ ଖାଁ ଭାରତର ଅଧିକ ଅଂଚଳ ଦଖଲ ପାଇଁ ଅଗ୍ରସର ହୋଇ ନ ଥିଲେ । ଏପରି ଭାବରେ ସେ ବିଭିନ୍ନ ସମସ୍ୟା ସଫଳ ଭାବେ ସମାଧାନ କରି ଦିଲ୍ଲୀ ଶାସନକୁ ସୁଦୃଢ଼ କରିଥିଲେ । ଏହି ସବୁ କାରଣ ପାଇଁ ସେ ଭାରତରେ ସୁଲତାନୀ ଶାସନ ପ୍ରତିଷ୍ଠା କରିଥିଲେ ବୋଲି କହାଯାଏ ।

ଇଲ୍‌ତୁତ୍‌ମିସ୍ ଜଣେ ବିଚକ୍ଷଣ ବ୍ୟକ୍ତି ଓ ଦକ୍ଷ ଶାସକ ଥିଲେ । ସେ ଟଙ୍କା ନାମକ ଏକ ମୁଦ୍ରା ପ୍ରଚଳନ କରିଥିଲେ । ସେ ବିଚାର ବିଭାଗରେ ଅନେକ ସଂସ୍କାର ଆଣିଥିଲେ । ତାଙ୍କ ସମୟରେ କଳା, ସ୍ଥାପତ୍ୟ ଓ ଶିକ୍ଷାର ବହୁତ ଉନ୍ନତି ହୋଇଥିଲା । କୁତବୁଦ୍ଦିନ୍‌ଙ୍କଦ୍ୱାରା ଆରମ୍ଭ ହୋଇଥିବା କୁତୁବ୍‌ମୀନାରର ନିର୍ମାଣ କାର୍ଯ୍ୟ ତାଙ୍କ ଦ୍ୱାରା ସମାପ୍ତ ହୋଇଥିଲା । ଇଲ୍‌ତୁତ୍‌ମିସ୍‌ଙ୍କ ୧୨୩୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା ।

### ତୁମେ ଜାଣିଛ କି ?

- ❖ ଇଲ୍‌ତୁତ୍‌ମିସ୍‌ଙ୍କ ପୁରାନାମ ସାମସୁଦ୍ଦିନ ଇଲ୍‌ତୁତ୍‌ମିସ୍ ଥିଲା ।
- ❖ ଛୋଟ ଥିବା ସମୟରେ ତାଙ୍କ ଭାଇମାନେ ତାଙ୍କୁ ଜମାଲ୍‌ଉଦ୍ଦିନ୍ ନାମକ ଜଣେ ବଣିକକୁ ବିକ୍ରି କରି ଦେଇଥିଲେ ।
- ❖ ପରେ ଇଲ୍‌ତୁତ୍‌ମିସ୍‌ଙ୍କୁ କୁତବୁଦ୍ଦିନ ଆଇବାକ୍ କ୍ରୀତଦାସ କରିଥିଲେ ।
- ❖ ଇଲ୍‌ତୁତ୍‌ମିସ୍‌ଙ୍କ ସମୟରେ ଦିଲ୍ଲୀ ଦ୍ୱିତୀୟ ବାଗ୍‌ଦାଦ ରୂପେ ବିବେଚିତ ହୋଇଥିଲା ।
- ❖ ଇଲ୍‌ତୁତମିସ୍ ତାଙ୍କ ରାଜ୍ୟକୁ କେତେକ ଇକ୍‌ତାରେ ଭାଗ କରିଥିଲେ ।
- ❖ ଇଲ୍‌ତୁତ୍‌ମିସ୍ ୪୦ଜଣ ସମ୍ଭ୍ରାନ୍ତ ଦକ୍ଷ କ୍ରୀତଦାସଙ୍କୁ ପ୍ରଶାସନିକ ତାଲିମ ଦେଇ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତି ଦେଇଥିଲେ । ଏମାନେ ୪୦ ସେନା (ଚିହାଲ ଗାନି) ନାମରେ ଅଭିହିତ ।

ଇଲ୍‌ତୁତ୍‌ମିସ୍ ଟଙ୍କା ନାମକ ମୁଦ୍ରା ପ୍ରଚଳନ କରିଥିବାରୁ ଏହା ଦ୍ୱାରା ଲୋକମାନଙ୍କର କ'ଣ କ'ଣ ସୁବିଧା ହୋଇଥିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## ରେଜିଆ (୧୨୩୬–୧୨୪୦ ଖ୍ରୀଷ୍ଟାବ୍ଦ):

ଇଲ୍‌ତୁତ୍‌ମିସ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ରେଜିଆ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ଶାସନ କାର୍ଯ୍ୟରେ ତୁର୍କ ସାମନ୍ତମାନଙ୍କ ସହଯୋଗ ପାଇଥିଲେ ମଧ କେତେକ ପ୍ରାଦେଶିକ ଶାସକମାନେ ତାଙ୍କୁ ବିରୋଧ କରିଥିଲେ। ସେଥିପାଇଁ ସେ ଶାସନ କାର୍ଯ୍ୟ ପରିଚାଳନା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତାଙ୍କ ପରେ କେତେକ ଦୁର୍ବଳ ସୁଲତାନମାନେ ଶାସନ କାର୍ଯ୍ୟ ଠିକ୍ ଭାବେ ପରିଚାଳନା କରି ନ ଥିଲେ । ଯାହାର ଫଳସ୍ୱରୂପ ଇଲତୁତ୍‌ମିସଙ୍କ ପୁତ୍ର ନାସିରୁଦ୍ଦିନ୍ ମାମୁଦଙ୍କ ମୃତ୍ୟୁ ପରେ ଗିୟାସୁଦ୍ଦିନ୍ ବଲ୍‌ବନ୍ ଦିଲ୍ଲୀର ସୁଲତାନ ହୋଇଥିଲେ ।

**ତୁମେ ଜାଣିଛକି ?**

ରେଜିଆ ହେଉଛନ୍ତି ଦିଲ୍ଲୀ ସିଂହାସନରେ ବସିଥିବା ପ୍ରଥମ ଓ ଶେଷ ମୁସଲମାନ ଶାସିକା ।

ସୁଲତାନ ରେଜିଆଙ୍କ ପରି ତୁମେ ଜାଣିଥିବା ଆମ ଦେଶର ଓ ବିଦେଶର କେତେ ଜଣ ଶାସିକାଙ୍କର ନାମ ତାଲିକା କର ।

## ଗିୟାସୁଦ୍ଦିନ୍ ବଲ୍‌ବନ୍ (୧୨୬୬–୧୨୮୭ ଖ୍ରୀଷ୍ଟାବ୍ଦ)

ଗିୟାସୁଦ୍ଦିନ୍ ବଲ୍‌ବନ୍ ସୁଲତାନ ହେବା ପୂର୍ବରୁ ଇଲ୍‌ତୁତ୍‌ମିସ୍‌ଙ୍କର ୪୦ ଜଣ କ୍ରୀତଦାସମାନଙ୍କ ମଧ୍ୟରୁ ଜଣେ ଥିଲେ । ସିଂହାସନ ଆରୋହଣ ପରେ ଇଲ୍‌ତୁତ୍‌ମିସ୍ ସୁଲତାନ ପଦବୀର ମର୍ଯ୍ୟାଦା, କ୍ଷମତା, ପ୍ରଭାବ ବଢ଼ାଇବା ପାଇଁ ଲାଗି ପଡ଼ିଥିଲେ। ବଲ୍‌ବନ୍ ତାଙ୍କ ସୈନ୍ୟବାହିନୀକୁ ପୁନଃ ସଂଗଠିତ କରିଥିଲେ । ଏହାଛଡ଼ା ସେ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଗମାନ ନିର୍ମାଣ କରିଥିଲେ । ସେ ଏକ ସୁଦୃଢ଼ ଗୁପ୍ତଚର ସଂସ୍ଥା ଗଠନ କରିଥିଲେ । କଠୋର ପଦକ୍ଷେପ ଗ୍ରହଣ କରି ଦିଲ୍ଲୀ ଓ ଦୋଆବର ଆଖପାଖ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିଥିଲେ । ବଲ୍‌ବନ୍‌ଙ୍କର ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଥିବାରୁ ସେ ମଙ୍ଗୋଲମାନଙ୍କ ଆକ୍ରମଣରୁ ଉତ୍ତର ଭାରତକୁ ରକ୍ଷା କରିଥିଲେ ।


ଗିୟାସୁଦ୍ଦିନ୍ ବଲ୍‌ବନ୍

ବଲ୍‌ବନ୍ କାହିଁକି ଏକ ଶକ୍ତିଶାଳୀ ଗୁପ୍ତଚର ସଂସ୍ଥା ଗଠନ କରିଥିଲେ ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ବଲ୍‌ବନ୍ ତାଙ୍କ ସମ୍ରାଜ୍ୟର ସୁପରିଚାଳନା ପାଇଁ ଶାସନ ଓ ସାମାଜିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ । କଳା ଓ ସାହିତ୍ୟର ବିକାଶ ତାଙ୍କ ପୃଷ୍ଠପୋଷକତାରେ ହୋଇଥିଲା । ସେ ଅନେକ ଜ୍ଞାନୀ ଓ ବିଦ୍ୱାନ ଲୋକମାନଙ୍କୁ ତାଙ୍କ ଦରବାରରେ ସ୍ଥାନ ଦେଇଥିଲେ । ଏମାନଙ୍କ ମଧ୍ୟରେ କବି ଅମୀର ଖୁସ୍ରୁ

**ତୁମେ ଜାଣିଛ କି ?**

- ବଲବନ ରାଜଶକ୍ତିର ପୁନଃ ପ୍ରତିଷ୍ଠା ପାଇଁ ସ୍ୱର୍ଗୀୟ ରାଜତନ୍ତ୍ର ନୀତି ( *Divine Right of Kingship* ) ଅନୁସରଣ କରିଥିଲେ ।
- ସୁଲତାନ ନିଜକୁ ଭଗବାନଙ୍କ ପ୍ରତିନିଧି ବୋଲି କହୁଥିଲେ ।
- ସୁଲତାନଙ୍କୁ ଦର୍ଶନ କରିବାକୁ ହେଲେ ସାଷ୍ଟାଙ୍ଗ ପ୍ରଣାମ ବା ପାଦ ଚୁମ୍ବନ କରିବାକୁ ପଡୁଥିଲା ।
- ରକ୍ତ ଓ ଲୁହାନୀତି (କଠୋର ନୀତି) ଅବଲମ୍ବନ କରି ସେ ସାମ୍ରାଜ୍ୟକୁ ସୁଦୃଢ଼ କରିଥିଲେ ।

ଅନ୍ୟତମ । ବଲ୍ବନ୍ ଅନେକ ମସଜିଦ୍ ନିର୍ମାଣ କରିଥିଲେ । ଏହିସବୁ କାର୍ଯ୍ୟ ପାଇଁ ବଲ୍ବନ୍ ଦାସବଂଶର ଶ୍ରେଷ୍ଠ ସମ୍ରାଟ ରୂପେ ପରିଗଣିତ ହୁଅନ୍ତି । ୧୨୮୭ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଦାସବଂଶର ପତନ ଆରମ୍ଭ ହୋଇଥିଲା । ଦାସବଂଶର ପରବର୍ତ୍ତୀ ଶାସକମାନେ ଦୁର୍ବଳ ଥିଲେ । ଏଣୁ ଦିଲ୍ଲୀରେ ଖିଲ୍‌ଜି ବଂଶ ଶାସନ ଆରମ୍ଭ ହୋଇଥିଲା ।

ବଲ୍ବନ୍ ସମ୍ରାଟଙ୍କ କ୍ଷମତା ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନେଇଥିଲେ ତଥ୍ୟ ସଂଗ୍ରହ କରି ଲେଖ ।


ଜଲାଲ ଉଦ୍ଦିନ୍ ଖିଲ୍‌ଜି

## ଖିଲ୍‌ଜୀ ବଂଶ (୧୨୯୦-୧୩୨୦ ଖ୍ରୀଷ୍ଟାବ୍ଦ)

୧୨୯୦ ଖ୍ରୀଷ୍ଟାବ୍ଦରେ ଜଲାଲଉଦ୍ଦିନ ଖିଲ୍‌ଜୀ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ଜାମାତା ଆଲ୍ଲାଉଦ୍ଦିନ ଖିଲ୍‌ଜୀ ଦିଲ୍ଲୀ ସିଂହାସନରେ ବସିଥିଲେ ।

## ଆଲ୍ଲାଉଦ୍ଦିନ ଖିଲ୍‌ଜୀ (୧୨୯୬-୧୩୧୬ ଖ୍ରୀଷ୍ଟାବ୍ଦ)

ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ୧୨୯୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କରି ୧୩୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୨୦ ବର୍ଷ ଶାସନ କରିଥିଲେ । ସୁଲତାନୀ ଇତିହାସରେ ଆଲ୍ଲାଉଦ୍ଦିନ୍‌ଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ଦ୍ୱିତୀୟ ଆଲେକ୍‌ଜାଣ୍ଡାର୍ ହୋଇ ସମଗ୍ର ପୃଥିବୀକୁ ଜୟ କରିବାକୁ ଇଚ୍ଛା କରିଥିଲେ । ମାତ୍ର ବୃଦ୍ଧ ପାରିଷଦ ଆଲ୍ଲା ଉଲ୍ ମୁଲକ୍‌ଙ୍କ ପରାମର୍ଶ କ୍ରମେ ସେ ପ୍ରଥମେ ସାରା ଭାରତ ଜୟ କରିବାକୁ ନିଷ୍ପତ୍ତି ନେଇଥିଲେ ।


ଆଲ୍ଲାଉଦ୍ଦିନ୍ ଖିଲ୍‌ଜି

ମନେକର, ତୁମେ ସେତେବେଳେ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ହୋଇଥାନ୍ତ ପୃଥିବୀ ଜୟ କରିବା ପାଇଁ କେଉଁ ଯୋଜନା କରିଥାନ୍ତ, ତାହା ଉଲ୍ଲେଖ କର ।

ଏହାଛଡ଼ା ତିନୋଟି କାର୍ଯ୍ୟ ପାଇଁ ସେ ଦୃଢ଼ ଇଚ୍ଛା ପ୍ରକାଶ କରିଥିଲେ । ସେଗୁଡ଼ିକ ହେଉଛି ତୁର୍କ ସାମନ୍ତ ମାନଙ୍କ କ୍ଷମତା ହ୍ରାସ, ଦାକ୍ଷିଣାତ୍ୟ ଓ ରାଜସ୍ଥାନ ବିଜୟ, ମଙ୍ଗୋଲ ଶକ୍ତିର ଧ୍ୱଂସ ସାଧନ

ଏହି ଇଚ୍ଛା ପୂରଣପାଇଁ ତାଙ୍କର ଏକ ବିରାଟ ସୈନ୍ୟବାହିନୀର ଆବଶ୍ୟକତା ପଡ଼ିଥିଲା । ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ସେ ଗଙ୍ଗା-ଯମୁନା ମଧ୍ୟବର୍ତ୍ତୀ ଦୋଆବ ଅଂଚଳରେ ବାସ କରୁଥିବା ଧନୀ ଲୋକମାନଙ୍କ ଉପରେ ଅଧିକ କର ବସାଇଥିଲେ । ଏହାଛଡ଼ା ଜମି ମାପ କରାଇ ତଦନୁସାରେ କର ବସା ଯାଇଥିଲା । ଏହିପରି ଭାବରେ ଆଲ୍ଲାଉଦ୍ଦିନ ବିଭିନ୍ନ ସୂତ୍ରରୁ କର ସଂଗ୍ରହ ମାଧ୍ୟମରେ ଅର୍ଥ ଆଣି ରାଜକୋଷ ବୃଦ୍ଧି କରିଥିଲେ। ଜିନିଷପତ୍ର ଦରଦାମ ନିୟନ୍ତ୍ରଣ କରାଯାଇଥିଲା ।

### ତୁମେ ଜାଣିଛ କି?

- ❖ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଜଲାଲଉଦ୍ଦିନ୍ ଖିଲିଜ୍‌ଙ୍କ ପୁତୁରା ଥିଲେ ।
- ❖ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ କହୁଥିଲେ ସୁଲତାନ ଧରାପୃଷ୍ଠରେ ଈଶ୍ୱରଙ୍କ ସ୍ୱରୂପ ଏବଂ ସେ ସାଧାରଣ ଜନତାଙ୍କ ସହ ତୁଳନୀୟ ନୁହଁନ୍ତି ।
- ❖ ତାଙ୍କର ବାକ୍ୟ ହିଁ ଆଇନ ଏବଂ ରାଜ୍ୟର ମଙ୍ଗଳ ପାଇଁ ଯାହା କରିବେ ତାହା ଠିକ୍ ।

୧୨୯୯ ଖ୍ରୀଷ୍ଟାବ୍ଦରେ ଆଲ୍ଲାଉଦ୍ଦିନ୍ ଉଲଘୁ ଖାଁ ଓ ନସ୍ରତ୍ ଖାଁଙ୍କ ନେତୃତ୍ୱରେ ଏକ ସେନାବାହିନୀ ଗୁଜୁରାଟର ରାଜଧାନୀ ଅନହିଲ୍ୱାରା ଆକ୍ରମଣ କରିବାକୁ ପଠାଇଥିଲେ । ଏହି ସୈନ୍ୟ ବାହିନୀ ଗୁଜୁରାଟ ଓ ମାଳବ ଜୟ କରିଥିଲେ । ଏହା ପରେ ଆଲ୍ଲାଉଦ୍ଦିନ୍ ରନ୍ଥମ୍ବର ଓ ମେୱାରର ଚିତୋର ଦୁର୍ଗ ଅଧିକାର କରିଥିଲେ ।

ସେ ରାଣୀ ପଦ୍ମିନୀଙ୍କୁ ପାଇବା ପାଇଁ ମେୱାର ଆକ୍ରମଣ କରି ତାକୁ ଅଧିକାର କରିଥିଲେ କିନ୍ତୁ ରାଣୀ ପଦ୍ମିନୀ ଓ ଅନ୍ୟାନ୍ୟ ରାଜପୁତ୍ ରାଣୀମାନେ ଜହର ବ୍ରତ ପାଳନ କରି ଅଗ୍ନିରେ ଝାସ ଦେଇଥିଲେ । ଉପରୋକ୍ତ ରାଜ୍ୟଗୁଡ଼ିକ ବ୍ୟତୀତ ଆଲ୍ଲାଉଦ୍ଦିନ୍ ସିୱାନା ଓ ଜାଲୋର୍ ଇତ୍ୟାଦି ରାଜ୍ୟ ଜୟ କରିଥିଲେ ।




**ଆଲ୍ଲାଉଦ୍ଦିନଙ୍କ ସାମ୍ରାଜ୍ୟ**

ଉତ୍ତର ଭାରତର ଅନେକ ଗୁଡ଼ିଏ ରାଜ୍ୟ ଜୟ କଲା ପରେ ୧୩୦୭ ଖ୍ରୀଷ୍ଟାବ୍ଦରେ ମାଲିକ୍ କାଫୁରଙ୍କ ସେନାପତିତ୍ୱରେ ଆଲ୍ଲାଉଦ୍ଦିନ୍ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଜୟ କରିବା ପାଇଁ ଏକ ବିରାଟ ସୈନ୍ୟବାହିନୀ ପଠାଇଥିଲେ । ମାଲିକ କାଫୁର ଦକ୍ଷିଣ ଭାରତର ଦେବଗିରି, ତେଲେଙ୍ଗାନା, ଦ୍ୱାରସମୁଦ୍ର, ପାଣ୍ଡ୍ୟ ଓ ହୟଶାଳ ଇତ୍ୟାଦି ରାଜ୍ୟ ଜୟ କରି ପ୍ରଚୁର ପରିମାଣର ଟଙ୍କା ଓ ସୁନା ନେଇ ଆସିଥିଲେ । ଏହି ସବୁ ରାଜ୍ୟର ରାଜାମାନେ ନିଜ ନିଜ ରାଜ୍ୟର ଶାସକ ରହିବାକୁ ସୁଲତାନ ଅନୁମତି ଦେଲେ । ଏହା ବଦଳରେ ସେମାନେ ସୁଲତାନଙ୍କୁ ନିୟମିତ କର ଦେଉଥିଲେ । ଏହିପରି ଭାବରେ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଏକ ବିରାଟ ସାମ୍ରାଜ୍ୟର ଶାସନ କର୍ତ୍ତା ହୋଇଥିଲେ ।

ଚିତ୍ର ଦେଖି ଆଲ୍ଲାଉଦ୍ଦିନ୍‌ଙ୍କ ରାଜ୍ୟଗୁଡ଼ିକର ନାମ ଲେଖ ।

ସାମ୍ରାଜ୍ୟ ଓ ରାଜ୍ୟ ମଧ୍ୟରେ ଗୋଟିଏ ପ୍ରଭେଦ ହେଉଛି ସାମ୍ରାଜ୍ୟର ଆୟତନ ବଡ଼ ଓ ରାଜ୍ୟର ଆୟତନ ଛୋଟ ।

ସେହିପରି ଅନ୍ୟ ପ୍ରଭେଦଗୁଡ଼ିକ ଲେଖ ।

ଖିଲ୍‌ଜୀ ବଂଶର ଶେଷ ସୁଲତାନ କୁତବୁଦ୍ଦିନ୍ ମୁବାରକ ଶାହଙ୍କୁ ୧୩୨୦ ଖ୍ରୀଷ୍ଟାବ୍ଦରେ ହତ୍ୟା କରାଯାଇଥିଲା । ତାଙ୍କ ପରେ ନାସିରଉଦ୍ଦିନ୍ ଖୁସ୍ରୁ ଶାହ ଦିଲ୍ଲୀ ସିଂହାସନରେ ବସିଥିଲେ । ତାଙ୍କୁ ତୁର୍କ ଆଫଗାନ ସାମନ୍ତମାନେ ହତ୍ୟା କରିଥିଲେ ।

**ତୁମେ ଜାଣିଛ କି?**

ଆଲ୍ଲାଉଦ୍ଦିନ୍‌ଙ୍କ ଇସଲାମ ଧର୍ମ ପ୍ରତି ଗଭୀର ଶ୍ରଦ୍ଧା ଥିବାରୁ ତାଙ୍କୁ ଇସଲାମ ଧର୍ମ ରକ୍ଷକ ପଦବୀ ମିଳିଥିଲା।

ଆଲ୍ଲାଉଦ୍ଦିନ୍ ହିନ୍ଦୁମାନଙ୍କ ଉପରେ ନିର୍ଦ୍ଦୟ ଥିଲେ ଓ ସେମାନଙ୍କଠାରୁ ଜିଜିଆ, ଅବକାରୀ, ଆମଦାନୀ ଓ ରପ୍ତାନୀ ଶୁଳ୍କ ଆଦାୟ କରୁଥିଲେ।

ତାଙ୍କ ସ୍ଥାନରେ ଘାଜି ମାଲିକ୍ ଗିୟାସୁଦ୍ଦିନ୍ ତୁଗ୍‌ଲକ୍ ନୂଆ ସୁଲତାନ ହୋଇ ତୋଗଲକ ବଂଶ ପ୍ରତିଷ୍ଠା କରିଥିଲେ ।

## ମହମ୍ମଦ ବିନ୍ ତୁଗ୍‌ଲକ୍ (୧୩୨୫-୧୩୫୧ ଖ୍ରୀଷ୍ଟାବ୍ଦ)

ଗିୟାସୁଦ୍ଦିନ୍ ତୁଗ୍‌ଲକ୍ ଏକ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ପୁତ୍ର ଜୁନା ଖାଁ ମହମ୍ମଦ ବିନ୍ ତୁଗ୍‌ଲକ୍ ନାମଧାରଣ କରି ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ସମୁଦାୟ ୨୬ ବର୍ଷ ଶାସନ କାର୍ଯ୍ୟ ଚଳାଇଥିଲେ । ତାଙ୍କର ଅଦ୍‌ଭୁତ ପ୍ରକୃତି ଓ ଅଭିନବ କାର୍ଯ୍ୟକଳାପ ପାଇଁ ସେ ଦିଲ୍ଲୀର ସୁଲତାନମାନଙ୍କ ମଧ୍ୟରେ ପ୍ରସିଦ୍ଧ ଥିଲେ । ତାଙ୍କ ଶାସନ ବିଷୟରେ ଉତ୍ତର ଆଫ୍ରିକାରୁ ଆସିଥିବା ଆରବ ପର୍ଯ୍ୟଟକ ଇବନ୍ ବତୁତା ଏକ ବିବରଣୀ ଲେଖି ଯାଇଛନ୍ତି । ଏହି ବିବରଣୀରେ ସେତେବେଳର ଭାରତର ଅବସ୍ଥା ସ୍ଥାନ ପାଇଥିଲା ।



ମହମ୍ମଦ ବିନ୍ ତୁଗ୍‌ଲକ୍



ଇବନ୍ ବତୁତା

ଇବନ୍ ବତୁତାଙ୍କ ପରି ଅନ୍ୟ କେଉଁ ବିଦେଶୀ ପର୍ଯ୍ୟଟକମାନେ ଭାରତ ଆସିଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ମହମ୍ମଦ ଜଣେ ଆଦର୍ଶବାଦୀ ରାଜା ଥିଲେ । ତାଙ୍କର ତର୍କଶାସ୍ତ୍ର, ଦର୍ଶନ, ଗଣିତ ଓ ଧର୍ମ ଶାସ୍ତ୍ର ବିଦ୍ୟାରେ ବହୁତ ଜ୍ଞାନ ଥିଲା । ସେ ଜଣେ ସୁପ୍ରତିଷ୍ଠିତ କବି ଓ ସାହିତ୍ୟିକ ଥିଲେ । ସେ ଦାନଶୀଳ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିଥିଲେ । ମହମ୍ମଦ ତାଙ୍କ ସାମ୍ରାଜ୍ୟ ଓ ଜନସାଧାରଣମାନଙ୍କ ଉନ୍ନତିପାଇଁ ଅନେକ ଯୋଜନା କରିଥିଲେ । ମାତ୍ର ତାଙ୍କର ଦୃଢ଼ ମନୋବଳର ଅଭାବ ଥିବାରୁ ସେ କୌଣସି କାର୍ଯ୍ୟକୁ ଶେଷ ପର୍ଯ୍ୟନ୍ତ ଚଳାଇ ରଖି ପାରୁ ନ ଥିଲେ । ତାଙ୍କର ନିଷ୍ଠା, ଦୂରଦୃଷ୍ଟି ଓ ଧୈର୍ଯ୍ୟର ଅତ୍ୟନ୍ତ ଅଭାବ ଥିବାରୁ ତାଙ୍କର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା। ଏଥିପାଇଁ ଲୋକମାନେ ତାଙ୍କୁ ଆଡ଼ବାୟା ରାଜା ବୋଲି କହିଥାନ୍ତି। ମହମ୍ମଦ କରିଥିବା ବିଭିନ୍ନ ଯୋଜନା ଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି।

## ଦୋଆବ ଅଂଚଳରେ କର ବୃଦ୍ଧି (୧୩୨୬ ଖ୍ରୀଷ୍ଟାବ୍ଦରେ)

ମହମ୍ମଦ ବିନ୍ ତୁଗ୍‌ଲକ୍ ଭାରତ ତଥା ମଧ୍ୟ ଏସିଆର କେତେକ ରାଜ୍ୟ ଜୟ କରିବା ପାଇଁ ଇଚ୍ଛା କରିଥିଲେ । ଏହି କାର୍ଯ୍ୟ କରିବା ପାଇଁ ବିରାଟ ସୈନ୍ୟବାହିନୀର ଆବଶ୍ୟକତା ଥିଲା । ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଡ଼ କରିବା ପାଇଁ ସେ ଗଙ୍ଗା ଓ ଯମୁନାର ମଧ୍ୟବର୍ତ୍ତୀ ଦୋଆବ ଅଂଚଳରେ ବାସ କରୁଥିବା ଚାଷୀମାନଙ୍କ ଠାରୁ ଅଧିକ କର ଆଦାୟ ପାଇଁ ଅଦେଶ ଦେଇଥିଲେ । ଦୁର୍ଭାଗ୍ୟବଶତଃ ସେହି ବର୍ଷ ଭଲ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଯାଇଥିଲା। ସେଥିପାଇଁ ଲୋକମାନେ ବର୍ଦ୍ଧିତ କର ଦେଇ ପାରିନଥିଲେ । ମହମ୍ମଦ ଚାଷୀମାନଙ୍କଠାରୁ ଜବରଦସ୍ତ କର ଆଦାୟ ପାଇଁ ଆଦେଶ ଦେଇଥିଲେ । କର ଆଦାୟ ପାଇଁ ସୁଲତାନଙ୍କ କର୍ମଚାରୀମାନେ ଲୋକମାନଙ୍କ ଉପରେ ବଳ ପ୍ରୟୋଗ କଲେ । ତେଣୁ ଚାଷୀମାନେ ଅତ୍ୟାଚାର ସହି ନପାରି ଜଙ୍ଗଲକୁ ପଳାୟନ କରିଥିଲେ । ରାଜସ୍ୱ ଆଦାୟକାରୀମାନେ ସେମାନଙ୍କୁ ଗୋଡ଼ାଇ କେତେ ଜଣଙ୍କୁ ହତ୍ୟା କରିଥିଲେ । ଏହିସବୁ କାରଣ ପାଇଁ ଉର୍ବର ଦୋଆବ ଅଂଚଳରେ ଫସଲ ନହୋଇ ଦୁର୍ଭିକ୍ଷ ଦେଖା ଦେଇଥିଲା। ମହମ୍ମଦ ନିଜର ଭୁଲ ବୁଝିପାରି ଲୋକମାନଙ୍କୁ କ୍ଷମା ଦେଇ ବର୍ଦ୍ଧିତ କର ଆଦାୟ ନକରିବାକୁ ଅଦେଶ ଦେଇଥିଲେ । ଲୋକମାନଙ୍କୁ ଚାଷ କରିବା ପାଇଁ ଋଣର ବ୍ୟବସ୍ଥା କରିଥିଲେ । ଜଳସେଚନର ସୁବିଧା ପାଇଁ ଅନେକ କୂଅ ଖୋଳାଇଥିଲେ । ମାତ୍ର ଏହି ସବୁ ପଦକ୍ଷେପ ବହୁ ଡ଼େରିରେ ନିଆଯାଇଥିବାରୁ ତାହା ଫଳବତୀ ହୋଇ ପାରି ନ ଥିଲା।

### ତୁମେ ଜାଣିଛ କି?

ଜଣେ ରାଜା ସୈନ୍ୟ ମାନଙ୍କ ବ୍ୟତୀତ ତିଷ୍ଠି ପାରିବେ ନାହିଁ। ଦରମା ନପାଇଲେ ସୈନିକ ମାନେ ବଞ୍ଚି ପାରିବେ ନାହିଁ । ସୈନିକମାନଙ୍କ ଦରମା ଦେବା ପାଇଁ କୃଷକମାନଙ୍କ ଠାରୁ ଭୂରାଜସ୍ୱ ଆଦାୟ କରିବାକୁ ପଡ଼େ। କୃଷକମାନେ ଧନୀ ଓ ଖୁସିରେ ଥିଲେ ଭୂରାଜସ୍ୱ ଦେଇଥାନ୍ତି ।

- ❖ ଭୂରାଜସ୍ୱ ପରି ଲୋକମାନଙ୍କଠାରୁ ସରକାର ଆଉ କେଉଁ କେଉଁ କର ଆଦାୟ କରନ୍ତି ଲେଖ ।
- ❖ ତୁମେ ଯଦି ମହମ୍ମଦ ତୁଗ୍‌ଲକ୍ ସମୟରେ ତାଙ୍କର ପ୍ରଜା ହୋଇଥାନ୍ତ ଓ ତାଙ୍କ ଲୋକମାନେ ତୁମକୁ ଅଧିକ କର ଦେବାକୁ ବାଧ କରିଥାନ୍ତେ ତୁମେ ସେମାନଙ୍କ ସହ କିପରି ବାର୍ତ୍ତାଳାପ କରିଥାଆନ୍ତ, ଲେଖ ।

## ରାଜଧାନୀ ପରିବର୍ତ୍ତନ: (୧୩୨୭ ଖ୍ରୀଷ୍ଟାବ୍ଦ)

ମଙ୍ଗୋଲମାନଙ୍କ ଆକ୍ରମଣରୁ ଦେଶକୁ ରକ୍ଷା କରିବା ଓ ଦାକ୍ଷିଣାତ୍ୟର ବିଭିନ୍ନ ରାଜ୍ୟକୁ ସହଜରେ ନିୟନ୍ତ୍ରଣ କରିବା ପାଇଁ ମହମ୍ମଦ ନିଜ ରାଜ୍ୟର ରାଜଧାନୀ ଦିଲ୍ଲୀରୁ ଦୌଲତାବାଦ (ବର୍ତ୍ତମାନର ଔରଙ୍ଗାବାଦ)କୁ ଉଠାଇ ନେଇଥିଲେ । ମାତ୍ର ତାଙ୍କର ଏହି କାର୍ଯ୍ୟ ଠିକ୍ ଭାବେ ହୋଇ ପାରି ନ ଥିଲା କାରଣ ସେ କେବଳ

### ତୁମେ ଜାଣିଛ କି?

❖ ମହମ୍ମଦ ଦିଲ୍ଲୀରୁ ଦୌଲତାବାଦ ରାଜଧାନୀ ପରିବର୍ତ୍ତନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସରାଇଖାନା (ପାନ୍ଥଶାଳା) ଓ ଡାକ ଚୌକି (ଡାକଘର) ନିର୍ମାଣ କରିଥିଲେ ।

❖ ଇବନ ବତୁତାଙ୍କ ବିବରଣୀରୁ ଜଣାଯାଏ ଯେ, ଜଣେ ଅନ୍ଧ ଓ ଛୋଟାକୁ ଦିଲ୍ଲୀରେ ରହୁଥିବାର ଦେଖି ଛୋଟାକୁ ଘୋଡ଼ା ଲାଞ୍ଜରେ ବାନ୍ଧି ଦୌଲତାବାଦ ନେଇ ଯାଇଥିଲେ ।



**ଲୋକମାନେ ଦିଲ୍ଲୀରୁ ଦୌଲତାବାଦ ଯାଉଥିବାର ଦୃଶ୍ୟ**

ଦରବାର ଓ ରାଜକର୍ମଚାରୀମାନଙ୍କୁ ନ ନେଇ ଦିଲ୍ଲୀର ସମସ୍ତ ଅଧିବାସୀଙ୍କୁ ସ୍ଥାନାନ୍ତରିତ କରିଥିଲେ । ଦିଲ୍ଲୀରୁ ଦୌଲତାବାଦ ବହୁଦୂର (ପ୍ରାୟ ୧୫୦୦ କି.ମି.) ହୋଇଥିବାରୁ ବାଟରେ ବହୁ ଲୋକ ପ୍ରାଣ ହରାଇଥିଲେ । ଏହାଛଡ଼ା ଦୌଲତାବାଦର ପରିବେଶ, ଜଳବାୟୁ ଓ ଖାଦ୍ୟ ବହୁ ଲୋକମାନଙ୍କ ପାଇଁ ଅନୁକୂଳ ହୋଇ ନ ଥିବାରୁ ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ଏହାଛଡ଼ା ଉତ୍ତର ଭାରତ ଦୌଲତାବାଦଠାରୁ ବହୁତ ଦୂର ହୋଇଥିବାରୁ ଏହି ଅଂଚଳ ଉପରେ ତାଙ୍କର ନିୟନ୍ତ୍ରଣ ରହିଲା ନାହିଁ । ଫଳରେ ଏକ ବର୍ଷ ପରେ ମହମ୍ମଦ ନିଜ ରାଜଧାନୀ ଦୌଲତାବାଦରୁ ଦିଲ୍ଲୀକୁ ଫେରାଇ ଆଣିଥିଲେ । ଏହି କାର୍ଯ୍ୟ ତାଙ୍କ ଦୁର୍ବଳତାର ନଗ୍ନ ପରିଚୟ ଦେଇଥିଲା। ଯାହାର ଫଳସ୍ୱରୂପ ଦକ୍ଷିଣ ଭାରତରେ ବାହାମନୀ ଓ ବିଜୟନଗର ରାଜ୍ୟ ନିଜର ଶକ୍ତିର ପ୍ରଭାବ ବିସ୍ତାର କରିଥିଲେ । ଏମାନଙ୍କୁ ଦମନ କରିବା ପାଇଁ ସୁଲତାନ ଉପଯୁକ୍ତ ପଦକ୍ଷେପ ନେଇ ପାରି ନ ଥିଲେ ।

**ତୁମେ ଜାଣିଛ କି?**

ମହମ୍ମଦ ପ୍ରଥମେ (୨୦୦ ରତିର) ଦିନାର ନାମକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ। ଏହା ପରେ ଅଦାଲି ନାମକ (୧୪୦ ରତିର) ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ।

ମହମ୍ମଦଙ୍କ ରାଜଧାନୀ ପରିବର୍ତ୍ତନ କିପରି ଯୁକ୍ତିଯୁକ୍ତ ଥିଲା, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ।

## ତାମ୍ର ମୁଦ୍ରା ପ୍ରଚଳନ (୧୩୨୯ – ୧୩୩୦ ଖ୍ରୀଷ୍ଟାବ୍ଦ)

ମହମ୍ମଦଙ୍କର ଆଉ ଗୋଟିଏ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ସେଇଟି ହେଉଛି ତାଙ୍କ ଶୂନ୍ୟ ରାଜକୋଷ ପୂରଣ ପାଇଁ ସେ ତାମ୍ର ମୁଦ୍ରା ପ୍ରଚଳନ କରିଥିଲେ । ଏଗୁଡ଼ିକ ଦେଇ ଲୋକମାନେ ରାଜକୋଷରୁ ସୁନା ଓ ରୂପା ଟଙ୍କା ବଦଳାଇ ନେବା ବ୍ୟବସ୍ଥା କରିଥିଲେ । ଏହାର ସୁଯୋଗ ନେଇ ଲୋକମାନେ ତମ୍ବା ଟଙ୍କା ତିଆରି କରି ଏହାକୁ ବଦଳାଇ ରାଜକୋଷରୁ ସୁନା ଓ ରୂପା ଟଙ୍କା ନେଇ ଗଲେ। ଏହା ଫଳରେ ରାଜକୋଷରୁ ଟଙ୍କା କମି ଯାଇ ରାଜ୍ୟ ଗରିବ ହୋଇଗଲା। ଏଥିପାଇଁ ରାଜ୍ୟର ବାଣିଜ୍ୟ କାରବାର ଅଚଳାବସ୍ଥାରେ

ପହଞ୍ଚିଲା। ଦେଶକୁ ଆର୍ଥିକ ନିଅଣ୍ଟରୁ ରକ୍ଷା କରିବା ପାଇଁ ଶେଷରେ ସୁଲତାନ ତାଙ୍କ ଆଦେଶ ପ୍ରତ୍ୟାହାର କରିଥିଲେ ।

ମହମ୍ମଦଙ୍କ ତାମ୍ରମୁଦ୍ରା ପ୍ରଚଳନ କେତେ ଦୂର ଯୁକ୍ତିଯୁକ୍ତ ଥିଲା, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ସୁଲତାନୀ ଶାସନର ଅନ୍ୟ ମନ୍ତ୍ରୀମାନେ ହେଲେ -

ସଦର-ଉସ ସଦର-ଧର୍ମ ବିଭାଗ ମନ୍ତ୍ରୀ

ମଜଲିସ-ଇ-ଖାଲଓ୍ୱାଜ୍ - ସୁଲତାନଙ୍କ ପରାମର୍ଶଦାତା

ବାରିଦ୍-ଇ-ମାମଲିକ - ଗୁପ୍ତଚର ବିଭାଗ ମନ୍ତ୍ରୀ

ଦିଓ୍ୱାନ-ଇ-ଅମୀର କୋହି - କୃଷିମନ୍ତ୍ରୀ

ଲୋକମାନଙ୍କ ବହୁବିଧ ଉନ୍ନତି ପାଇଁ ମହମ୍ମଦ ଅନେକ ଶାସନ ନୀତି ପ୍ରଣୟନ କରିଥିଲେ ମାତ୍ର ତାଙ୍କର ଦୂରଦୃଷ୍ଟି ଅଭାବରୁ ଏଗୁଡ଼ିକ ସବୁ କାର୍ଯ୍ୟକାରୀ ହୋଇ ପାରିନଥିଲା। ଫଳରେ ସେ ପ୍ରଜା, ସାମନ୍ତ, ଉଲେମା (ଧର୍ମଗୁରୁ) ମାନଙ୍କ ସହଯୋଗ ପାଇନଥିଲେ । ତେଣୁ ଇତିହାସରେ ସେ ଜଣେ ବିଫଳ ଶାସକ ରୂପେ ପରିଗଣିତ ହୁଅନ୍ତି ।

ସଫଳ ଶାସକ ହେବା ପାଇଁ ଜଣେ ରାଜାଙ୍କ ପାଖରେ କେଉଁ କେଉଁ ଗୁଣଥିବା ଦରକାର, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ତୋଗଲକ ବଂଶ ପରେ ଭାରତରେ ସୟଦ୍ ବଂଶ ଓ ଲୋଦୀ ବଂଶ ଶାସନ କରିଥିଲେ। ଲୋଦୀ ବଂଶର ରାଜାମାନଙ୍କ ଉପରେ ଆଫଗାନମାନେ ଖୁସି ନ ଥିବାରୁ ଏମାନେ କାବୁଲ ରାଜା ବାବରଙ୍କ ସହ ସଂପର୍କ ସ୍ଥାପନ କରିଥିଲେ। ୧୫୨୬ ଖ୍ରୀଷ୍ଟାବ୍ଦରେ ଇବ୍ରାହିମ ଲୋଦୀ ଶାସନରୁ ବିତାଡ଼ିତ ହୋଇଥିଲେ। ତାଙ୍କ ପରେ ଦିଲ୍ଲୀରେ ମୋଗଲ ବଂଶ ଶାସନ କରିଥିଲେ ।

## ସୁଲତାନ ଯୁଗର ଶାସନ ପଦ୍ଧତି:

ସୁଲତାନ୍ ଯୁଗର ଶାସନ ପଦ୍ଧତି ଭାରତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଓ ମହମ୍ମଦ ବିନ୍ ତୁଗ୍‌ଲକ୍ ପରି ଦିଲ୍ଲୀର ସୁଲତାନ୍‌ମାନେ ରାଜ୍ୟର ସୁପରିଚାଳନା ପାଇଁ ଅନେକ ଶାସନ ନୀତି ପ୍ରଣୟନ କରିଥିଲେ ।ଏହି ଶାସନ ନୀତିଗୁଡ଼ିକ ତିନୋଟି ସ୍ତରରେ କାର୍ଯ୍ୟକାରୀ ହେଉଥିଲା। ସେଗୁଡ଼ିକ ହେଲା- ୧.କେନ୍ଦ୍ରୀୟ ଶାସନ, ୨.ପ୍ରାଦେଶିକ ଶାସନ, ୩.ସ୍ଥାନୀୟ ଶାସନ ।

ତୁମ ଦେଶର ଶାସନ କେଉଁ କେଉଁ ସ୍ତରରେ ହେଉଅଛି, ସେଗୁଡ଼ିକ ଲେଖ।

## କେନ୍ଦ୍ର ଶାସନ:

ସୁଲତାନ୍ କେନ୍ଦ୍ର ଶାସନର ମୁଖ୍ୟ ଥିଲେ । ସେ ଶାସନ ବିଭାଗ ଓ ସୈନ୍ୟ ବିଭାଗର ସର୍ବୋଚ୍ଚ କର୍ତ୍ତା ଥିଲେ । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ବହୁ ମନ୍ତ୍ରୀଙ୍କୁ ନିଯୁକ୍ତି କରିଥିଲେ । ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀଙ୍କୁ ଓ୍ୱାଜିର

**ତୁମେ ଜାଣିଛ କି?**

ଜିଜିୟା କର- ଅଣମୁସଲମାନଙ୍କଠାରୁ ଆଦାୟ କରାଯାଏ।

ଜାକତ-ଧାର୍ମିକ କର ମୁସଲମାନଙ୍କଠାରୁ ଆଦାୟ ହୁଏ ।

ଉସ୍ର - ମୁସଲମାନଙ୍କ ଜଳସେଚିତ ଜମି ଉପରେ ଏହି କର ବସା ଯାଇଥିଲା।

ଖାମସ୍ - ରାଜ୍ୟଜୟ ଦ୍ୱାରା ଲୁଣ୍ଠିତ ଧନର କିଛି ଅଂଶ ରାଜକୋଷକୁ ଯାଉଥିଲା ।

ଖରଜ୍ - ଶସ୍ୟ କର

କୁହାଯାଉଥିଲା । ୱାଜିର ସାମରିକ ଓ ରାଜସ୍ୱ ବିଭାଗର ଦାୟିତ୍ୱରେ ଥିଲେ । କାଜି ବିଚାର ବିଭାଗ ଦାୟିତ୍ୱ ତୁଲାଉଥିଲେ। ଦିୱାନ-ଇ-ଇନଶା ଚିଠିପତ୍ର ଦାୟିତ୍ୱ ତୁଲାଇଥିଲା ବେଳେ ବାରିଦ-ଇ-ମାମାଲିକ ଖବର ସରବରାହ ସଂସ୍ଥାର ମୁଖ୍ୟ ଥିଲେ । ବକ୍ସି ସୈନ୍ୟ ବିଭାଗ ଦରମା ଦାୟିତ୍ୱ କଥା ବୁଝୁଥିଲେ । ଏହାଛଡ଼ା ରାଜ ପରିବାର, କୃଷି ଓ ନିର୍ମାଣ ବିଭାଗ ଇତ୍ୟାଦିରେ ଅନେକ କର୍ମଚାରୀ ନିଯୁକ୍ତ ହୋଇଥିଲେ ।

ସୁଲତାନ କେନ୍ଦ୍ର ଶାସନର ମୁଖ୍ୟ ହୋଇଥିବାରୁ ଲୋକମାନଙ୍କର କି କି ସୁବିଧା ଓ ଅସୁବିଧା ହେଉଥିବ, ସାଙ୍ଗ ମାନଙ୍କ ସହ ଆଲୋଚନା କରି ଲେଖ ।

ରାଜ୍ୟର ମୁଖ୍ୟ ଆୟ ଭୂ ରାଜସ୍ୱରୁ ମିଳୁଥିଲା । ଉତ୍ପନ୍ନ ଶସ୍ୟର ଏକ ତୃତୀୟାଂଶ କର ରୂପେ ଆଦାୟ କରାଯାଉଥିଲା । ଦିଲ୍ଲୀ ସୁଲତାନମାନେ ଖାମସ୍, ଖରଜ୍, ଜାକତ୍, ଜିଜିୟା ଏବଂ ଉସ୍ର ଆଦି ପାଞ୍ଚ ପ୍ରକାର କର ପ୍ରଜାମାନଙ୍କଠାରୁ ଆଦାୟ କରୁଥିଲେ । ସୁଲତାନମାନେ କୃଷି ବିଭାଗର ଉନ୍ନତି ପାଇଁ କୃଷି ବିଭାଗ ପ୍ରତିଷ୍ଠା କରିଥିଲେ । ବଜାର ଦର ତଥା ବିଭିନ୍ନ ଦ୍ରବ୍ୟର ମାପ ଓ ଓଜନ ଆଇନ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । କଳାବଜାରୀ ଓ ଖାଦ୍ୟଶସ୍ୟ ମହଜୁଦ୍‌କାରୀଙ୍କୁ କଠୋର ଦଣ୍ଡ ଦିଆଯାଉଥିଲା। ଜନସାଧାରଣମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅନେକ ବିଦ୍ୟାଳୟ ଓ ଦାତବ୍ୟ ଚିକିତ୍ସାଳୟମାନ ସ୍ଥାପନ କରାଯାଇଥିଲା।

ତୁମ ଅଂଚଳରେ ମାପ ଓ ଓଜନ ଠକେଇ ନ ହେବା ପାଇଁ ସରକାରଙ୍କ ତରଫରୁ କି କି ବ୍ୟବସ୍ଥା ଅଛି, ତଥ୍ୟ ସଂଗ୍ରହ କରି ଲେଖ ।

## ପ୍ରାଦେଶିକ ଶାସନ:

ରାଜ୍ୟକୁ କେତେକ ପ୍ରଦେଶରେ ଭାଗ କରାଯାଇଥିଲା। ପ୍ରାଦେଶିକ ସ୍ତରରେ ଶାସନ ସୁପରିଚାଳନା ପାଇଁ ମୁକ୍ତି, ୱାଲି ଓ ନାଏବ୍ ସୁଲତାନ ଆଦି ଶାସନ କର୍ତ୍ତାମାନେ ନିଯୁକ୍ତ ହେଉଥିଲେ। ଏମାନେ କେନ୍ଦ୍ରରେ ସୁଲତାନ ଭୋଗ କରୁଥିବା ସମସ୍ତ କ୍ଷମତା ଉପଭୋଗ କରୁଥିଲେ । ପ୍ରଦେଶର ଆୟବ୍ୟୟ ଦିୱାନ-ଇ-ୱାଜିରତଙ୍କ ଦ୍ୱାରା ଯାଞ୍ଚ କରାଯାଉଥିଲା। ପ୍ରଦେଶରେ ନିଯୁକ୍ତ ଶାସନକର୍ତ୍ତାମାନେ ପ୍ରାଦେଶିକ ସ୍ତରରେ ବିଭିନ୍ନ ନୀତି ନିୟମ କାର୍ଯ୍ୟକାରୀ କରୁଥିଲେ।

## ସ୍ଥାନୀୟ ଶାସନ:

ପ୍ରତ୍ୟେକ ପ୍ରଦେଶକୁ କେତେଗୁଡ଼ିଏ ସିକ୍ ଓ ପ୍ରତ୍ୟେକ ସିକ୍‌କୁ କେତେଗୁଡ଼ିଏ ପ୍ରଗଣାରେ ବିଭକ୍ତ କରାଯାଇଥିଲା। ଏଗୁଡ଼ିକର ଶାସନ କାର୍ଯ୍ୟ ଜଣେ ଅମିଲ୍ ତୁଲାଉଥିଲେ । ମକଦ୍ଦମ, ପଟ୍ଟୱାରୀ ଓ ମୁଶ୍‌ରିଫ୍ ଆଦି ସ୍ଥାନୀୟ କର୍ମଚାରୀମାନେ ଖଜଣା ଆଦାୟରେ ସାହାଯ୍ୟ କରୁଥିଲେ । ମୁଶ୍‌ରିଫ୍ ଖଜଣା ଆଦାୟ ସମୟରେ ଉପସ୍ଥିତ ରହି ତାହାର ହିସାବ ଯାଞ୍ଚ କରୁଥିଲେ । ପଟ୍ଟୱାରୀ ଦଲିଲ ଓ କାଗଜପତ୍ରର ହିସାବ ରଖୁଥିଲେ। ଶାସନର ସର୍ବନିମ୍ନ ସ୍ତରଥିଲା ଗ୍ରାମ। ଗ୍ରାମର ଲୋକମାନେ ମିଳିତ ହୋଇ ପଞ୍ଚାୟତ ଗଠନ କରୁଥିଲେ। ପଞ୍ଚାୟତ ଗ୍ରାମର ପରିମଳ, ଶିକ୍ଷା ଓ ବିଚାର ଆଦି ବିଷୟରେ ବୁଝୁଥିଲେ। ଚୌକିଦାର ଗ୍ରାମର ଅପରାଧ ନିୟନ୍ତ୍ରଣ କରୁଥିଲେ ।


### ତୁମେ ଜାଣିଛ କି?

- ସୁଲତାନୀ ଶାସନରେ ପ୍ରତ୍ୟେକ ପ୍ରଗଣା ୧୦୦ କିମ୍ବା ୮୪ଟି ଗ୍ରାମକୁ ନେଇ ଗଠିତ ହେଉଥିଲା।
- ଗ୍ରାମର ମୁଖିଆଙ୍କୁ ମକଦ୍ଦମ କୁହାଯାଉଥିଲା।

- ସୁଲତାନମାନଙ୍କ ସ୍ଥାନୀୟ ଶାସନ ଭଳି ତୁମ ଅଂଚଳର ଶାସନ କିପରି ଚାଲୁଅଛି, ଅନ୍ୟମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଲେଖ ।
- ତୁମ ଅଂଚଳର ଲୋକମାନଙ୍କଠାରୁ ସରକାରଙ୍କ ଦ୍ୱାରା କେଉଁ କେଉଁ କର କାହିଁକି ଆଦାୟ କରାଯାଉଛି, ଅନ୍ୟମାନଙ୍କଠାରୁ ବୁଝି ଲେଖ ।

ଏହିପରି ଭାବରେ ସୁଲତାନମାନେ  ବିଭିନ୍ନ ନୀତି ନିୟମ ପ୍ରଣୟନ କରି ସୂଚାରୁ ରୂପେ ସେମାନଙ୍କର ଶାସନ କାର୍ଯ୍ୟ ଚଳାଉଥିଲେ । ଏହାଦ୍ୱାରା ସାରା ଦେଶରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ଥିଲା।

## ସୁଲ୍‌ତାନ୍‌ମାନଙ୍କ କଳା ଓ ସ୍ଥାପତ୍ୟ



ଏକ ପୁରୁଣା ମୁସ୍‌ଲିମ୍ ସ୍ଥାପତ୍ୟ

ତୁର୍କ ଆଫଗାନମାନେ ଭାରତକୁ ତାଙ୍କ ସହିତ ପାରସ୍ୟ ଓ ମଧ୍ୟଏସିଆରୁ କଳା ଓ ସ୍ଥାପତ୍ୟର ନୂଆ ଶୈଳୀ ଏବଂ କାରିଗରୀ କୌଶଳ ଆଣିଥିଲେ । ଏହି ନିର୍ମାଣ କୌଶଳ ବ୍ୟବହାର କରି ସେମାନେ ଭାରତରେ ଅନେକ ମସଜିଦ୍, ସମାଧି, ମନ୍ଦିର, ଦୁର୍ଗ, ରାଜପ୍ରସାଦ ଆଦି ତିଆରି କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ପାଇଁ ଭାରତରେ ଯଥେଷ୍ଟ ଆରବୀୟ ଶିଳ୍ପୀ ମିଳି ନ ଥିଲେ । ଫଳରେ ସୁଲତାନମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଉଚ୍ଚ କୋଟୀର ଭାରତୀୟ ଶିଳ୍ପୀମାନଙ୍କ ଉପରେ ନିର୍ଭର କଲେ । ଏହାଦ୍ୱାରା ଭାରତୀୟ କଳା ଓ ସ୍ଥାପତ୍ୟ ଏବଂ ଇସ୍‌ଲାମୀୟ କଳା ସ୍ଥାପତ୍ୟର ସମ୍ମିଶ୍ରଣ ଘଟି ଏକ ନୂତନ କଳା ଜନ୍ମ ନେଲା। ଏହାକୁ ଇଣ୍ଡୋ-ଇସ୍‌ଲାମୀୟ କଳା ଓ ସ୍ଥାପତ୍ୟ କୁହାଯାଏ। ଭାରତୀୟ ସ୍ଥାପତ୍ୟରେ ଚାପ ଓ ଗମ୍ବୁଜର ବ୍ୟବହାର ଏହି ସମୟରେ ପ୍ରଥମେ ଦେଖା ଦେଇଥିଲା। ଗମ୍ବୁଜର ଛାତ ଅର୍ଦ୍ଧବୃତ୍ତାକାର କରିବା ପାଇଁ ଉଚ୍ଚତର ଗାଣିତିକ ଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟା ପ୍ରୟୋଗ କରାଯାଉଥିଲା। ମୀନାର ତିଆରି କରିବା ପାଇଁ ପଥର ଉପରେ ପଥର ଲମ୍ବ ଓ ତୀର୍ଯ୍ୟକ ଭାରେ ରଖା ଯାଉଥିଲା।



କୁତୁବ୍ ମିନାର

ଭାରତୀୟମାନଙ୍କ ସ୍ଥାପତ୍ୟ ଶୈଳୀ ଦିଲ୍ଲୀ ସୁଲତାନମାନଙ୍କୁ ଆକୃଷ୍ଟ କରିଥିଲା। ଏମାନଙ୍କ ମଧ୍ୟରୁ ପ୍ରଥମେ କୁତ୍‌ବୁଦ୍ଦିନ୍ ଆଇବାକ୍ ଦିଲ୍ଲୀଠାରେ ପ୍ରସିଦ୍ଧ କ୍ୱାତ୍-ଉଲ-ଇସଲାମ ଓ ଢ଼ାଇ-ଦିନକା-ଝୋଁପରା ନାମକ ଦୁଇଟି ମସଜିଦ୍ ନିର୍ମାଣ କରିଥିଲେ । ଏହାଛଡ଼ା ସେ କୁତୁବ୍‌ମିନାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକୁ ଇଲ୍‌ତୁତ୍‌ମିସ୍ ପୂର୍ଣ୍ଣାଙ୍ଗ କରି ଇସଲାମୀୟ ସ୍ଥାପତ୍ୟର ଉତ୍କର୍ଷତା ପ୍ରତିପାଦନ କରିଥିଲେ ।

ଦିଲ୍ଲୀ ସୁଲତାନମାନେ ଆମୋଦ ପ୍ରମୋଦପୂର୍ଣ୍ଣ ଜୀବନଯାପନ କରୁଥିବାରୁ ବହୁ ସୁନ୍ଦର ସୁନ୍ଦର ପ୍ରାସାଦମାନ ନିର୍ମାଣ କରୁଥିଲେ । ଫିରୋଜଶାହଙ୍କ ଦ୍ୱାରା ନିର୍ମିତ ଫିରୋଜଶାହ କୋଟ୍‌ଲା ଏହାର ଏକ ନମୁନା।

ଇଲ୍‌ତୁତ୍‌ମିସ୍ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କ ସମାଧି ହିନ୍ଦୁ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରିଥିଲେ । ବଲବନ୍ ଦିଲ୍ଲୀଠାରେ ଲୋହିତ ପ୍ରାସାଦ ଇସଲାମୀୟ ଶୈଳୀରେ ତିଆରି କରିଥିଲେ । ବଲବନ୍‌ଙ୍କ ସମାଧି ସଂପୂର୍ଣ୍ଣ ଇସଲାମୀୟ ଶୈଳୀରେ ନିର୍ମିତ ହୋଇଥିଲା । ଏହି ସମାଧିର ଗୋଲାକୃତି ଖିଲାଣ ପଥ ତୁର୍କ ସ୍ଥାପତ୍ୟର ଏକ ନିଦର୍ଶନ ।

**ତୁମେ ଜାଣିଛ କି?**

- ❖ ଖିଲ୍‌ଜି ରାଜତ୍ୱ ସମୟରେ ଜମାହତ୍ ଖାନା ମସଜିଦ୍ ଓ ହଦାର ସାତୁନ ରାଜପ୍ରାସାଦ ନିର୍ମିତ ହୋଇଥିଲା ।
- ❖ ଶିରି ନାମକ ସ୍ଥାନରେ ଆଲ୍ଲାଉଦ୍ଦିନ ଖାଲ୍‌ଜୀ ଏକ ସୁଦୃଢ଼ ଦୁର୍ଗ ନିର୍ମାଣ କରିଥିଲେ ।
- ❖ ଗିୟାସୁଦ୍ଦିନ ତୁଘ୍‌ଲକ୍ ଦିଲ୍ଲୀ ନିକଟରେ ତୁଘ୍‌ଲକାବାଦ ସହର ବସାଇଥିଲେ ।
- ❖ ସୁଲତାନ ଅହମ୍ମଦ ଶାହା ୧୪୧୧ ଖ୍ରୀଷ୍ଟାବ୍ଦରେ ଅହମ୍ମଦାବାଦ ନଗରୀ ପ୍ରତିଷ୍ଠା କରିଥିଲେ ।

ଖିଲ୍‌ଜୀଙ୍କ ରାଜତ୍ୱ କାଳରେ ତୁର୍କ ଓ ଆଫଗାନ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଏହି ସମୟରେ ନିର୍ମିତ ଜମାହତ୍‌ଖାନା ମସଜିଦ୍ ଓ ଆଲ୍ଲା–ଇ–ଦରୱାଜା ମୁଖ୍ୟ ଅଟେ । ସୟଦ ଓ ଲୋଦୀ ବଂଶର ଶାସକମାନଙ୍କର ସ୍ଥାପତ୍ୟ କୀର୍ତ୍ତି ହେଉଛି ମୌତ–କି–ମସଜିଦ । ସାମନ୍ତମାନଙ୍କ କବରଗୁଡ଼ିକ ମଧ୍ୟରେ ବଡେ ଖାଁ ଓ ଛୋଟେ ଖାଁ କବର ତିଆରିରେ ଉନ୍ନତ ସ୍ଥାପତ୍ୟ କଳା ଦେଖାଯାଏ ।

ପ୍ରାଦେଶିକ ଶାସକମାନେ ନିଜ ରାଜଧାନୀରେ ବହୁ ପ୍ରାସାଦ ଓ ସମାଧି ନିର୍ମାଣ କରିଥିଲେ । ଏଗୁଡ଼ିକ ମଧ୍ୟରେ ଗୁଜୁରାଟରେ ଅହମ୍ମଦ ଶାହାଙ୍କ ଦ୍ୱାରା ତିଆରି ଅହମ୍ମଦାବାଦ ସହର ଓ ମାଳବର ମାଣ୍ଡୁଠାରେ ଥିବା ଜାମି ମସଜିଦ୍, ହଜାଜ ମହଲ ଅନ୍ୟତମ । ଜୌନପୁରର ଅତଳ ଦେବୀ ମସଜିଦ୍, ଲାଲଦରୱାଜା ଏହି ସମୟର ଗୋଟିଏ ଗୋଟିଏ ଉତ୍କୃଷ୍ଟ କଳାକୃତି ଅଟେ । ଏହାଛଡ଼ା କାଶ୍ମୀରର କାରିଗରମାନେ ମଧ୍ୟଏସିଆ ଶୈଳୀରେ ସେ ସମୟରେ ସୁନ୍ଦର ସୁନ୍ଦର କାଠର ପ୍ରାସାଦମାନ ନିର୍ମାଣ କରିଥିଲେ ।


ବିଜାପୁରର ଗୋଲଗମ୍ବୁଜ

ତୁମ ଅଂଚଳରେ ଥିବା ପ୍ରାଚୀନ ମନ୍ଦିର, ମସଜିଦ୍, ରାଜପ୍ରାସାଦ ଓ ଅନ୍ୟାନ୍ୟ କଳାକୃତିର ନାମ ଲେଖ ।

ଦାକ୍ଷିଣାତ୍ୟରେ ବାହାମନୀ ଶାସକମାନେ ନିଜର ରାଜଧାନୀ ଗୁଲବର୍ଗା ଓ ବିଦରରେ ଦିଲ୍ଲୀ ସୁଲତାନମାନଙ୍କୁ ଅନୁକରଣ କରି ବହୁ ସୁନ୍ଦର ସୁନ୍ଦର ପ୍ରାସାଦ ଓ ମସଜିଦ୍‌ମାନ ନିର୍ମାଣ କରିଥିଲେ। ଗୁଲବର୍ଗର ଜାମା ମସଜିଦ୍, ଦୌଲତାବାଦର ଚାନ୍ଦମିନାର ଏବଂ ବିଦରଠାରେ ଥିବା ମହମ୍ମଦ ଗୱାନଙ୍କ ମାଦ୍ରାସା ଉନ୍ନତ ସ୍ଥାପତ୍ୟର ନିଦର୍ଶନ ବହନ କରିଥାଏ।

## ପ୍ରାଦେଶିକ ରାଜ୍ୟଗୁଡ଼ିକର ଉତ୍‌ଥାନ:

ଦିଲ୍ଲୀରେ ସୁଲତାନୀ ଶାସନ କାଳକ୍ରମେ ଦୁର୍ବଳ ହୋଇ ପଡ଼ିଲା। ଏହି ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀ ସୁଲତାନଙ୍କ ଅଧିନରେ ଥିବା ଉତ୍ତର ଓ ଦକ୍ଷିଣ ଭାରତର ଅନେକ ପ୍ରାଦେଶିକ ରାଜା ସେମାନଙ୍କର ସ୍ୱାଧୀନତା ଘୋଷଣା କରି ଦିଲ୍ଲୀ ଶାସନଠାରୁ ଅଲଗା ହୋଇଗଲେ । ଏହାଛଡ଼ା କେତେକ ରାଜପୁତ ରାଜ୍ୟ, ଗୁଜରାଟର କେତେକ ପ୍ରଦେଶ ସେମାନଙ୍କର ସ୍ୱାଧୀନତା ଘୋଷଣା କଲେ । ଆହୁରି ମଧ୍ୟ ମାଳବ, କାଶ୍ମୀର ଓ ବେଙ୍ଗଲ ଇତ୍ୟାଦି ପ୍ରଦେଶରେ ସ୍ୱାଧୀନ ମୁସଲମାନରାଜ୍ୟ ଗଢ଼ି ଉଠିଥିଲା । ଏହାବ୍ୟତୀତ ମହମ୍ମଦବିନ୍ ତୋଗଲକ୍‌ଙ୍କ ରାଜତ୍ୱ ସମୟରେ ଦାକ୍ଷିଣାତ୍ୟରେ ତାଙ୍କର କର୍ତ୍ତୃତ୍ୱ କମି ଯିବାରୁ ଅନେକଗୁଡ଼ିଏ ରାଜ୍ୟ ମୁଣ୍ଡ ଟେକି ଉଠିଥିଲା। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ବାହାମନୀ ଓ ବିଜୟନଗର ରାଜ୍ୟ ଅନ୍ୟତମ ।

ସୁଲତାନୀ ଶାସନର ଦୁର୍ବଳତାର ସୁଯୋଗ ନେଇ କେଉଁ କେଉଁ ରାଜ୍ୟ ସ୍ୱାଧୀନ ହୋଇଥିଲେ, ତାହାର ଏକ ତାଲିକା କର ।

## ବାହାମନୀ ରାଜ୍ୟ:

ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କ ଶାସନ ସମୟରେ ଦାକ୍ଷିଣାତ୍ୟର କେତେକ ସାମନ୍ତ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ କରି ଦୌଲତାବାଦ ଅଧିକାର କରିଥିଲେ । ସେମାନେ ସେମାନଙ୍କ ମଧ୍ୟରୁ ନାସିରଉଦ୍ଦିନ୍ ଶାହାଙ୍କୁ ରାଜା କରିଥିଲେ । ସେ ରାଜ୍ୟ ଚଳାଇବାକୁ ଅସମର୍ଥ ହେବାରୁ ରାଜପଦ ପରିତ୍ୟାଗ କରିଥିଲେ । ତାଙ୍କ ପରେ ସାମନ୍ତମାନେ ହାସାନ୍ ଗାଙ୍ଗୁଙ୍କୁ ରାଜା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ହାସାନ୍ ଗାଙ୍ଗୁ ଅଗଷ୍ଟ ୧୩, ୧୩୪୭ ଖ୍ରୀଷ୍ଟାବ୍ଦରେ ବାହାମନୀ ରାଜ୍ୟ ଗଠନ କରିଥିଲେ । ଗୁଲବର୍ଗା ଏହାର ରାଜଧାନୀ ହୋଇଥିଲା। ପରେ ହାସାନ୍ ଗାଙ୍ଗୁ ବାହମନ ଶାହା ଉପାଧି ଧାରଣ କରି ବାହାମନୀ ରାଜ୍ୟ ଶାସନ କରିଥିଲେ ।

### ତୁମେ ଜାଣିଛ କି?

- ବାହାମନୀ ରାଜ୍ୟ ୧୮୦ ବର୍ଷ ତିଷ୍ଠି ରହିଥିଲା ।
- ହାସାନ୍ ଗାଙ୍ଗୁ ପର୍ସିଆ ରାଜା ବାହାମନଙ୍କ ବଂଶଧର ଥିଲେ ବୋଲି କୁହାଯାଏ।
- ହାସାନ୍ ଗାଙ୍ଗୁ ଆବୁଲ୍ ମୁଜାଫର ଆଲ୍ଲାଉଦ୍ଦିନ୍ ବାହାମନ ଶାହ ଉପାଧି ଧାରଣ କରିଥିଲେ ।

ହାସାନ୍ ଗାଙ୍ଗୁ ଜଣେ ଶକ୍ତିଶାଳୀ ରାଜା ଥିଲେ । କାଳକ୍ରମେ ତାଙ୍କ ରାଜ୍ୟରେ କୃଷ୍ଣା ନଦୀ ପର୍ଯ୍ୟନ୍ତ ଦାକ୍ଷିଣାତ୍ୟର ସମସ୍ତ ଉତ୍ତରଭାଗ ମିଶି ଯାଇଥିଲା। ସେ ତାଙ୍କ ରାଜ୍ୟର ଶାସନ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ପାଇଁ ଏହାକୁ ଚାରି ଭାଗରେ ବିଭକ୍ତ କରିଥିଲେ। ପ୍ରତ୍ୟେକ ଭାଗକୁ ଜଣେ ଜଣେ ପ୍ରଶାସକଙ୍କ ଅଧୀନରେ ରଖିଥିଲେ । ବାହାମନୀ ରାଜ୍ୟରେ ୧୮ଜଣ ରାଜା ୧୮୦ବର୍ଷ ଶାସନ କରିଥିଲେ । ଏହି ରାଜା ମାନଙ୍କ ମଧ୍ୟରେ ଦ୍ୱିତୀୟ ଅହମ୍ମଦ୍ ଶାହା ଶ୍ରେଷ୍ଠ ଥିଲେ । ସେ ଜ୍ଞାନୀ ଓ ବିଦ୍ୱାନ ଲୋକମାନଙ୍କର ପୃଷ୍ଠପୋଷକତା କରୁଥିଲେ । ତାଙ୍କ ଦ୍ୱାରା ଅନେକ

ମସଜିଦ୍, ବିଦ୍ୟାଳୟ ଓ ଡାକ୍ତରଖାନା ନିର୍ମାଣ କରାଯାଇଥିଲା। ତାଙ୍କ ସମୟରେ ଲୋକମାନେ ଶାନ୍ତିରେ ବସବାସ କରୁଥିଲେ । ମାମୁଦ ଶାହା ବାହାମନୀ ରାଜ୍ୟର ଶେଷ ରାଜା ଥିଲେ । ତାଙ୍କ ମୃତ୍ୟୁ ପରେ ବାହମନୀ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇ ବେରାର, ବିଦର, ଗୋଲକୁଣ୍ଡା, ଅହମ୍ମଦନଗର ଓ ବିଜାପୁର ଆଦି ୫ଟି ସ୍ୱାଧୀନ ମୁସଲମାନ ରାଜ୍ୟରେ ପରିଣତ ହୋଇଥିଲା ।

- ହାସାନ୍ ଗାଙ୍ଗୁ ତାଙ୍କ ରାଜ୍ୟକୁ ଚାରି ଭାଗରେ ଭାଗ କରିବାର କାରଣ କ'ଣ ହୋଇପାରେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।
- ଆଉ କେଉଁ କେଉଁ କାରଣରୁ ଦକ୍ଷିଣ ଭାରତରେ ୫ଟି ସ୍ୱାଧୀନ ରାଜ୍ୟ ଗଢ଼ି ଉଠିଥିଲା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ବାହାମନୀ ରାଜ୍ୟର ପତନ ପରେ ସେଠାରେ ମୁଣ୍ଡ ଟେକି ଥିବା ୫ଟି ରାଜ୍ୟର ରାଜାଙ୍କ ନାମ ହେଉଛି:

ବେରାର– ଇମଦାଦ୍ ଶାହ

ଅହମ୍ମଦନଗର– ନିଜାମ ଅହମ୍ମଦଶାହ

ଗୋଲକୁଣ୍ଡା– କୁତୁବ୍ ଶାହ

ବିଜାପୁର– ଆଦିଲ ଶାହ

ବିଦର– ବାରିଡ଼ ଶାହ

## ବିଜୟନଗର ରାଜ୍ୟ:

ବିଜୟନଗର ରାଜ୍ୟ ବାହାମନୀ ରାଜ୍ୟର ଉତ୍ତରରେ ଅବସ୍ଥିତ। ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କ ରାଜତ୍ୱ ସମୟରେ ହରିହର ଓ ବୁକା ନାମକ ଦୁଇଭାଇ ହୟଶାଳ ରାଜ୍ୟ (ଆଧୁନିକ ମହୀଶୁର) ଜୟ କରି ଏହି ରାଜ୍ୟର ମୂଳଦୁଆ ପକାଇଥିଲେ । ହସ୍ତିନାବତୀ ବା ଆଧୁନିକ ହାମ୍ପୀ ସେମାନଙ୍କର ରାଜ୍ୟର ରାଜଧାନୀ ଥିଲା।



ହରିହର ଏବଂ ବୁକା

ବିଜୟନଗର ରାଜ୍ୟକୁ ସମୁଦାୟ ଷୋଳ ଜଣ ରାଜା (୧୩୩୬–୧୫୬୫ ଖ୍ରୀଷ୍ଟାବ୍ଦ) ୨୩୦ ବର୍ଷ ଶାସନ କରିଥିଲେ ।ଏହି ସମୟ ମଧ୍ୟରେ ବିଭିନ୍ନ ରାଜବଂଶ ବିଜୟନଗର ରାଜ୍ୟକୁ ଶାସନ କରିଥିଲେ । ପ୍ରଥମେ ଏହାକୁ ହରିହର (୧୩୩୬–୧୩୫୬ ଖ୍ରୀଷ୍ଟାବ୍ଦ) ଓ ବୁକା (୧୩୫୬ – ୧୩୭୭ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ଶାସନ କରିଥିଲେ । ପରବର୍ତ୍ତୀ ସମୟରେ ଏହା ସଙ୍ଗମ ବଂଶ, ସାଲୁଭ ଓ ତୁଳୁଭ ବଂଶ ଦ୍ୱାରା ଶାସିତ ହୋଇଥିଲା।

ବିଜୟନଗର ରାଜାମାନେ ବିଦ୍ୱାନ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ସେମାନେ ତେଲଗୁ ଓ ସଂସ୍କୃତ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରୁଥିଲେ। କୃଷ୍ଣଦେବ ରାୟଙ୍କ ପରି ବିଜୟନଗରର କେତେକ ରାଜା କବି ଥିଲେ। କାଠ ଓ ହାତୀଦାନ୍ତର ଖୋଦେଇ କାମ ସେ ସମୟରେ ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ।

**ତୁମେ ଜାଣିଛ କି?**

ତିନୋଟି କାରଣରୁ ବାହାମନୀ ଓ ବିଜୟନଗର ରାଜ୍ୟ ପରସ୍ପରର ଶତ୍ରୁ ଥିଲେ। ସେଗୁଡ଼ିକ ହେଲା

୧. ରାଇଚୁରକୁ ନିଜ ଅଧିନରେ ରଖିବା ।

୨. ଗୋଲକୁଣ୍ଡାରେ ପ୍ରଚୁର ହୀରା ମିଳୁଥିବାରୁ ଏହାକୁ ଦଖଲରେ ରଖିବା ।

୩. ଉଭୟ ରାଜ୍ୟର ରାଜାମାନଙ୍କର ରାଜ୍ୟ ଜୟ କରିବା ପାଇଁ ପ୍ରବଳ ଆଗ୍ରହ ।

ବିଜୟନଗର ରାଜାମାନେ ବହୁତ ମନ୍ଦିର ଓ ରାଜପ୍ରାସାଦ ନିର୍ମାଣ କରିଥିଲେ । ଏହି କୃତିମାନଙ୍କ ମଧ୍ୟରୁ ହଜରା ଓ ବିଠାଲ ସ୍ୱାମୀ ମନ୍ଦିର ଅନ୍ୟତମ । ବିଜୟନଗର ରାଜ୍ୟ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା। ବିଜୟନଗର ରାଜ୍ୟର ଲୋକମାନେ ବର୍ମା, ଚୀନ, ଆରବ ଓ ଇଉରୋପ ମହାଦେଶର ଲୋକମାନଙ୍କ ସହ ବାଣିଜ୍ୟ କାରବାର କରୁଥିଲେ ।

ବାହାମନୀ ଓ ବିଜୟନଗର ରାଜ୍ୟ ପରସ୍ପର ମଧ୍ୟରେ ସଂଘର୍ଷରେ ମାତି ରହୁଥିଲେ ।ଏପରିକି ବାହାମନୀ ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇ ଯାଇଥିଲେ ମଧ୍ୟ ସେମାନେ ପରସ୍ପର ବନ୍ଧୁ ହୋଇ ପାରି ନ ଥିଲେ ।ଏହାର କାରଣ ଦୁଇଟି ଯାକ ରାଜ୍ୟ କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀ ମଧ୍ୟରେ ଥିବା ରାଇଚୁରକୁ (ଉର୍ବର ଅଂଚଳ) ନିଜ ଅଧୀନକୁ ନେବାକୁ ଚାହୁଁଥିଲେ। ଉଭୟ ପକ୍ଷ ଯୁଦ୍ଧ ସମୟରେ ତୋପ ବ୍ୟବହାର କରୁଥିଲେ । ଯୁଦ୍ଧରେ ବନ୍ଧୁକ ବ୍ୟବହାର ପାଇଁ ବିଜୟନଗର ଶାସକମାନେ ଇଉରୋପୀୟମାନଙ୍କୁ ନିଯୁକ୍ତି କରିଥିବା ବେଳେ, ବାହାମନୀ ଶାସକମାନେ ତୁର୍କୀର ଭଡାଟିଆ ସୈନ୍ୟମାନଙ୍କୁ ନିଯୁକ୍ତ କରିଥିଲେ ।

ବାହାମନୀ ଓ ବିଜୟନଗରର ଶାସକମାନେ ରାଇଚୁରକୁ କାହିଁକି ନିଜ ନିଜ ଅକ୍ତିଆରରେ ରଖିବାକୁ ଚାହୁଁଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ତୁଲୁଭ ବଂଶର କୃଷ୍ଣଦେବ ରାୟ ବିଜୟନଗର ରାଜ୍ୟର ଶ୍ରେଷ୍ଠ ରାଜା ଥିଲେ । ତାଙ୍କ ରାଜୁତି ସମୟରେ ବିଜୟନଗର ରାଜ୍ୟର ଖ୍ୟାତି ବଢ଼ି ଯାଇଥିଲା । ଶତ୍ରୁମାନଙ୍କ ପ୍ରତି ସେ କଠୋର ମନୋଭାବ ପୋଷଣ କରୁ ନ ଥିଲେ । ସେ ସବୁଧର୍ମର ଲୋକମାନଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ।

ବିଜୟନଗର ରାଜା ରାମରାୟାଙ୍କ ଶାସନ ସମୟରେ ବାହାମନୀ ରାଜ୍ୟର ସବୁ ମୁସଲମାନ ଶକ୍ତି ମିଳିତ ହୋଇ ୧୫୬୫ ଖ୍ରୀଷ୍ଟାବ୍ଦରେ ଏକ ଯୁଦ୍ଧରେ ତାଲିକୋଟାଠାରେ ବିଜୟନଗର ରାଜା ରାମରାୟାଙ୍କୁ ପରାସ୍ତ କରିଥିଲେ । ଫଳରେ ବିଜୟନଗରର ପତନ ହୋଇଥିଲା। ପରବର୍ତ୍ତୀ କାଳରେ ସୁଲତାନମାନେ ମୋଗଲମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

**ତୁମେ ଜାଣିଛ କି?**

- ❖ ବୀର ନରସିଂହ ତୁଳୁଭ ବଂଶର ମୂଳଦୁଆ ପକାଇଥିଲେ ।
- ❖ ଓଡ଼ିଶାର ଗଜପତି ପ୍ରତାପରୁଦ୍ରଦେବ କୃଷ୍ଣଦେବ ରାୟଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ।

## ଆମେ କଣ ଶିଖିଲେ

- ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୫ଟି ରାଜବଂଶ ଦିଲ୍ଲୀରେ ସୁଲ୍‌ତାନୀ ଶାସନ ଚଳାଇଥିଲେ ।
- କୁତ୍‌ବୁଦ୍ଦିନ୍ ଆଇବାକ୍‌ଙ୍କ ଦ୍ୱାରା ଦିଲ୍ଲୀରେ ଦାସବଂଶର ମୂଳଦୁଆ ପଡ଼ିଥିଲା।
- କୁତୁବ୍‌ମିନାରର ନିର୍ମାଣ କାର୍ଯ୍ୟ କୁତବୁଦ୍ଦିନ୍ ଆଇବାକ୍ ଆରମ୍ଭ କରିଥିଲେ ।
- କୁତ୍‌ବୁଦ୍ଦିନ୍ ଆଇବାକ୍‌ଙ୍କ ପରେ ଇଲ୍‌ତୁତ୍‌ମିସ୍ ଦିଲ୍ଲୀ ସିଂହାସନରେ ବସିଥିଲେ ।

- ରେଜିଆ ଦିଲ୍ଲୀ ସିଂହାସନରେ ବସିଥିବା ପ୍ରଥମ ଓ ଶେଷ ମୁସଲମାନ ଶାସିକା ଅଟନ୍ତି।
- ଗିୟାସୁଦ୍ଦିନ୍ ବଲ୍‌ବନ୍ ସୁଲତାନ ପଦବୀର ମର୍ଯ୍ୟାଦା, କ୍ଷମତା ଓ ପ୍ରଭାବ ବଢ଼ାଇଥିଲେ ।
- ଖିଲ୍‌ଜୀ ବଂଶର ଶ୍ରେଷ୍ଠ ସୁଲତାନ୍ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଉତ୍ତର ଓ ଦକ୍ଷିଣ ଭାରତର ଅନେକଗୁଡ଼ିଏ ରାଜ୍ୟ ଜୟ କରି ନିଜ ସାମ୍ରାଜ୍ୟର ପରିସୀମା ବଢ଼ାଇଥିଲେ ।
- ମହମ୍ମଦ ବିନ୍ ତୁଗ୍‌ଲକ୍ ନିଜ ସାମ୍ରାଜ୍ୟର ଉନ୍ନତି ପାଇଁ ଅନେକ ଗୁଡ଼ିକ ଅଭିନବ ଯୋଜନା ପ୍ରସ୍ତୁତ କରିଥିଲେ କିନ୍ତୁ ସେଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରି ପାରି ନ ଥିଲେ ।
- ସୁଲତାନୀ ଶାସନ ପ୍ରଣାଳୀ ତ୍ରିସ୍ତରୀୟ ଥିଲା।
- ସୁଲତାନମାନଙ୍କ ଶାସନ ସମୟରେ କଳା ଓ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା।
- ଦକ୍ଷିଣ ଭାରତର ପ୍ରାଦେଶିକ ରାଜ୍ୟଗୁଡ଼ିକ ମଧ୍ୟରେ ବାହାମନୀ ଓ ବିଜୟନଗର ରାଜ୍ୟ ପ୍ରଧାନ ଥିଲା।

## ପ୍ରଶ୍ନାବଳୀ

୧. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଦିଲ୍ଲୀରେ ତୁର୍କ ସୁଲତାନ୍‌ମାନେ କେତେ ବର୍ଷ ଶାସନ କରିଥିଲେ ?

ଖ) କୁତ୍‌ବୁଦ୍ଦିନ୍ ପ୍ରତିଷ୍ଠା କରିଥିବା ବଂଶକୁ ଦାସ ବଂଶ କାହିଁକି କୁହାଯାଏ ?

ଗ) ଇଲ୍‌ତୁତ୍‌ମିସ୍ ବିଭିନ୍ନ ସମସ୍ୟାଗୁଡ଼ିକୁ କିପରି ସମାଧାନ କରିଥିଲେ ?

ଘ) ସୁଲତାନ ରେଜିଆ ଅନେକ ଗୁଡିଏ ସମସ୍ୟା ସମ୍ମୁଖୀନ ହେବାର କାରଣ କଣ ?

ଙ) ଗିୟାସୁଦ୍ଦିନ୍ ବଲ୍‌ବନ୍ ସମ୍ରାଟଙ୍କ ମର୍ଯ୍ୟାଦା ବଢ଼ାଇବା ପାଇଁ କି କି ପଦକ୍ଷେପ ନେଇଥିଲେ ?

ଚ) ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀଙ୍କର ଇତିହାସରେ ସ୍ୱତନ୍ତ୍ର ସ୍ଥାନ ରହିଛି କାହିଁକି ?

ଛ) ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କୁ ଆଡ଼ବାୟା ରାଜା କୁହାଯାଏ କାହିଁକି ?

ଜ) ସୁଲତାନୀ ଯୁଗର ଶାସନ କିପରି ବିଭିନ୍ନ ସ୍ତରରେ କାର୍ଯ୍ୟକାରୀ ହେଉଥିଲା ?

ଝ) ଇଣ୍ଡୋ–ଇସଲାମୀୟ କଳା ଓ ସ୍ଥାପତ୍ୟ କିପରି ସୃଷ୍ଟି ହୋଇଥିଲା ?

ଞ) ହାସାନ୍ ଗାଙ୍ଗୁ ବାହାମନୀ ରାଜ୍ୟର ରାଜା ହୋଇଥିଲେ କିପରି ?

ଟ) କୃଷ୍ଣଦେବ ରାୟ କିଏ ? ତାଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

୨. **ଭୁଲ ଥିଲେ ଠିକ୍ କରି ଲେଖ ।**

କ) ଦିଲ୍ଲୀରେ ତୁର୍କ ସୁଲତାନ୍‌ମାନେ ୫୦୦ ବର୍ଷ ଶାସନ କରିଥିଲେ ।

ଖ) ରେଜିଆ ବଲ୍‌ବନ୍‌ଙ୍କ ଝିଅ ଥିଲେ ।

ଗ) କବି ଅମୀର ଖୁସ୍ରୁ ଇଲତୁତ୍‌ମିସ୍‌ଙ୍କ ରାଜଦରବାରରେ ସ୍ଥାନ ପାଇଥିଲେ ।

ଘ) ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଉଲୁଘ୍ ଖାଁଙ୍କ ସେନାପତିତ୍ୱରେ ଉତ୍ତର ଭାରତର ଅନେକ ରାଜ୍ୟ ଜୟ କରିଥିଲେ ।

ଙ) କୁତବୁଦ୍ଦିନ୍ ଆଇବାକ୍‌ଙ୍କ ସମୟରେ ଚେଙ୍ଗିଜ ଖାଁ ଭାରତ ଆକ୍ରମଣ କରିଥିଲେ ।

ଚ) ଇବନ୍ ବତୁତା ଇଉରୋପ ଦେଶର ପର୍ଯ୍ୟଟକ ଥିଲେ ।

ଛ) ମହମ୍ମଦ ତୁଗ୍‌ଲକ୍ ତାଙ୍କ ରାଜଧାନୀ ଦିଲ୍ଲୀରୁ ବିଜୟନଗରକୁ ଉଠାଇ ନେଇଥିଲେ ।

ଜ) ଦିୱାନ-ଇନ-ବନସା ରାଜସ୍ୱ ବିଭାଗ ଦାୟିତ୍ୱରେ ଥିଲେ ।

ଝ) ଢାଇ-ଦିନକା-ଝୋଁପରା ମସଜିଦ ମହମ୍ମଦ ବିନ୍ ତୁଘ୍‌ଲକ୍ ତିଆରି କରିଥିଲେ ।

ଞ) ମହମ୍ମଦ ଶାହଙ୍କ ଦ୍ୱାରା ଅହମ୍ମଦାବାଦ ସହର ପ୍ରତିଷ୍ଠା କରାଯାଇଥିଲା ।

୩. **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ/ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦିଲ୍ଲୀରେ ସମୁଦାୟ ______ ଟି ରାଜବଂଶ ଶାସନ କରିଥିଲେ ।

(୪, ୫, ୬, ୭)

ଖ) କୁତ୍‌ବୁଦ୍ଦିନ୍ ଆଇବାକ୍ ______ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ ।

(୧୨୦୩, ୧୨୦୪, ୧୨୦୫, ୧୨୦୬)

ଗ) କୁତବ୍‌ମିନାରର ନିର୍ମାଣ କାର୍ଯ୍ୟ ______ ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ।

(କୁତ୍‌ବୁଦ୍ଦିନ୍ ଆଇବାକ୍, ଇଲ୍‌ତୁତମିସ୍, ବଲ୍‌ବନ୍, ରେଜିଆ)

ଘ) ବଲ୍‌ବନ୍‌ଙ୍କର ______ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା ।

(୧୨୮୪, ୧୨୮୫, ୧୨୮୬, ୧୨୮୭)

ଙ) ପଦ୍ମିନୀ ______ ରାଜ୍ୟର ରାଣୀ ଥିଲେ ।

(ମେୱାର, ରଣଥମ୍ବର, ଜାଲୋର, ଜୟପୁର)

ଚ) ମହମ୍ମଦ ବିନ୍ ତୁଗ୍‌ଲକ୍ ସମୁଦାୟ ______ ବର୍ଷ ଶାସନ କରିଥିଲେ ।

(୨୬, ୨୭, ୨୮, ୨୯)

ଛ) ମହମ୍ମଦ ବିନ୍ ତୁଗ୍‌ଲକ୍ ତାଙ୍କ ରାଜକୋଷ ପୂରଣ ପାଇଁ ______ ମୁଦ୍ରା ପ୍ରଚଳନ କରିଥିଲେ ।

(ସୁନା, ରୂପା, ତମ୍ବା, କଂସା)

ଜ) ସୁଲତାନମାନେ ଉତ୍ପନ୍ନ ଶସ୍ୟର ______ କର ରୂପେ ନେଉଥିଲେ ।

(ଏକ ତୃତୀୟାଂଶ, ଏକ ଚତୁର୍ଥାଂଶ, ଏକ ପଞ୍ଚମାଂଶ, ଏକ ଷଷ୍ଠାଂଶ)

ଝ) ଫିରୋଜ ଶାହ କୋଟଲା ______ ଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

(କୁତବୁଦ୍ଦିନ୍, ଫିରୋଜଶାହ, ଅହମ୍ମଦଶାହ, ରେଜିଆ)

ଞ) ବିଜୟନଗର ରାଜ୍ୟକୁ ସମୁଦାୟ ______ ଜଣ ଶାସକ ଶାସନ କରିଥିଲେ ।

(୧୩, ୧୪, ୧୫, ୧୬)

**୪. କାଳକ୍ରମ ଅନୁସାରେ ସଜାଇ ଲେଖ ।**

ରେଜିଆ, ବଲ୍‌ବନ୍, କୁତ୍‌ବୁଦ୍ଦିନ୍, ଇଲ୍‌ତୁତ୍‌ମିସ୍, ମହମ୍ମଦ ବିନ୍ ତୁଗ୍‌ଲକ୍, ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ

## ତୁମ ପାଇଁ କାମ

ଦିଲ୍ଲୀରେ ଶାସନ କରିଥିବା ବିଭିନ୍ନ ସମ୍ରାଟମାନଙ୍କର ଫଟୋ ଚିତ୍ର ସଂଗହ କରି ସେମାନଙ୍କ କୃତି ବିଷୟରେ ଲେଖ ।